୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.27 . No.14 Bhubaneswar Tuesday Feburary 18 2025 | ୨୭ତମ ବର୍ଷ ସଂଖ୍ୟା–୧୪ ଭୁବନେଶ୍ୱର, ମଙ୍ଗଳବାର, ଫେବୃଆରୀ ୧୮, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS

# ମୋହନଙ୍କ ୨.୯୦ଲକ୍ଷ କୋଟି ଟଙ୍କାର ବଜେଟ୍ : ୧୬ ନୂଆ ସ୍କିମ୍, ରଣବୋଝ ଛୁଇଁବ ୧.୩୫ଲକ୍ଷ କୋଟି, ରାଜସ୍ୱ ପାଇଁ କେନ୍ଦ୍ର ଭରସା

ଭୁବନେଶ୍ୱର,୧୭।୨(ପି.ଏନ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୨.୯୦ଲକ୍ଷ କୋଟି ଟଙ୍କାର ପୂର୍ଣ୍ଣାଙ୍ଗ ବଜେଟ୍ ବିଧାନସଭାରେ ଉପସ୍ଥାପନ କରିଛନ୍ତି । ରାଜ୍ୟର ବିଜେପି ସରକାର ୨୦୨୪-୨୫ ଆର୍ଥିକ ବର୍ଷ ତୁଳନାରେ ବଜେଟର ଆକାରରେ ୨୫ହଜାର କୋଟି ଟଙ୍କାର ବୃଦ୍ଧି କରିଛନ୍ତି । ବଜେଟରେ ୧୬ଟି ନୂଆ ଯୋଜନା ଓ କାର୍ଯ୍ୟକ୍ରମ ପାଇଁ ଅର୍ଥ ବ୍ୟୟବରାଦ କରିଛନ୍ତି ଓ ପୁରୁଣା ସ୍କିମଗୁଡିକୁ ଜାରି ରଖିବା ପାଇଁ ବଜେଟର ୫୮.୬ ପ୍ରତିଶତ ଅର୍ଥାତ ୧.୭୦ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିବେ ବୋଲି ଆକଳନ କରିଛନ୍ତି । ୨୦୨୫-୨୬ ଆର୍ଥିକ ବର୍ଷରେ ମୋଟ ୪୬୩୯୯କୋଟି ଟଙ୍କାର ରଣ ସଂଗ୍ରହ ପାଇଁ ଲକ୍ଷ୍ୟ ରଖିଛନ୍ତି ଓ ବର୍ଷ ଶେଷବେଳକୁ ରଣବୋଝ ୧ଲକ୍ଷ ୩୪ହଜାର ୯୧୪କୋଟି ଟଙ୍କା ଛୁଇଁବ ବୋଲି ଜଣାପଡିଛି । ବଜେଟକୁ ସରକାର ଚିରାଚରିତ ଢଙ୍ଗରେ ରାଜସ୍ୱ ବଳକା ଓ ବିତ୍ତୀୟ ନିଅଂଟିଆ ବଜେଟ ବୋଲି ଦର୍ଶାଇଛନ୍ତି । ଅବଶ୍ୟ ବିତ୍ତୀୟ



ନିଅଣ୍ଟ ପରିମାଣ ୨୦୨୪-୨୫ ବଜେଟ୍ ତୁଳନାରେ ୦.୧% ଅଧିକ ରହିଛି ଓ ୨୦୨୫-୨୬ ବଜେଟରେ ବିତ୍ତୀୟ ନିଅଣ୍ଟ ରାଜ୍ୟ ଜିଡିପିର ୩.୨% ଅର୍ଥାତ୍ ୩୪୨୦୦କୋଟି ଟଙ୍କା ରହିବ ବୋଲି ଆକଳନ ହୋଇଛି । ରାଜ୍ୟ ସରକାର ନିଜର ବଜେଟର ଆକାରକୁ ୨୫ହଜାର କୋଟି ଟଙ୍କା ବଢ଼ାଇଛନ୍ତି ତଥା ଏହି ବର୍ଦ୍ଧିତ ଟଙ୍କାକୁ ୨୦୨୫-୨୬ରେ କାର୍ଯ୍ୟକ୍ଷମ ହେବାକୁ ଥିବା ନୂଆ ଖଣି, ଜିଏସଟି, ଅବକାରୀ ଟିକସ, ବିଦ୍ୟୁତ ଶୁଳ୍କ,ଭ୍ୟାଟ୍ ସମେତ ପ୍ରାୟ ୪ହଜାର କୋଟି ଅଧିକ ରଣ ଆହରଣ ଓ ୧୩ହଜାର କୋଟି ଟଙ୍କାର ଅଧିକ କେନ୍ଦ୍ରୀୟ ଅନୁଦାନରୁ ଭରଣା କରିବେ ବୋଲି ଜଣାପଡିଛି ।

## ଓଡିଶା ବଜେଟ୍: ନବମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ମିଳିବ ବାଇସାଇକେଲ

ଭୁବନେଶ୍ୱର,୧୭।୨(ପି.ଏନ): ବିଧାନସଭାରେ ସୋମବାର ୨୦୨୫-୨୬ ପାଇଁ ବଜେଟ୍ ଉପସ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସରକାରକୁ ଆସିବା ପରେ ମୋହନ ସରକାରଙ୍କ ଏହା ହେଉଛି ପ୍ରଥମ ପୂର୍ଣ୍ଣାଙ୍ଗ ବଜେଟ୍ । ଏଥର ବଜେଟ୍ ଆକାର ୨ ଲକ୍ଷ ୯୦ ହଜାର କୋଟି ଟଙ୍କା ରହିଛି । ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ପାଇଁ ୩୧୧୮୫.୪୭ କୋଟି ଟଙ୍କା ବ୍ୟୟ ବରାଦ କରାଯାଏ । ଯାହାକି ପୂର୍ବ ବଜେଟ ତୁଳନାରେ ଏଥର ୧୮ ପ୍ରତିଶତ ଅଧିକ ବ୍ୟୟ ବରାଦ କରାଯାଇଛି । ସମଗ୍ର ଶିକ୍ଷା ପାଇଁ ୪ ହଜାର ୬୧ କୋଟି ଟଙ୍କା ବ୍ୟୟବରାଦ ହୋଇଛି । ଐତିହ୍ୟ ବିଦ୍ୟାଳୟ ପାଇଁ ୬୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ନବମ ଏବଂ ଦଶମ ଶ୍ରେଣୀ ପିଲାଙ୍କୁ ମଧ୍ୟାହ୍ନଭୋଜନ ମିଳିବ । ଏଥିସହିତ ନବମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ବାଇସାଇକେଲ୍ ମିଳିବ ।



ଏଥିପାଇଁ ଗଙ୍ଗାଧର ମେହେର ଶିକ୍ଷା ମାନବୃଦ୍ଧି ଯୋଜନା ପାଇଁ ୧୯୩ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ପ୍ରଥମରୁ ସପ୍ତମ ଶ୍ରେଣୀ ପିଲାଙ୍କ ୟୁନିଫର୍ମ ପାଇଁ ୧୯୪ କୋଟି ଟଙ୍କାର ପ୍ରସ୍ତାବ ରହିଛି । ବ୍ଲକ୍, ଜିଲ୍ଲା ଏବଂ ବିଦ୍ୟାଳୟ କ୍ଷେତ୍ରରେ କୃତି ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହନ ମିଳିବ । ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଯୋଜନା ପାଇଁ ୧୩୯ କୋଟି ପ୍ରସ୍ତାବ ରହିଛି ।ସେହିପରି ମୁଖ୍ୟମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ ପାଇଁ ୬୪୬ କୋଟି ବରାଦ କରାଯାଇଛି । ଆତିଥ୍ୟ ବିଦ୍ୟାଳୟ ପାଇଁ ୬୬୦ କୋଟି ଚଗ ପୋଷଣ ଯୋଜନା ପାଇଁ ୮୮୫ କୋଟି ଟଙ୍କା । ସମଗ୍ର ଶିକ୍ଷା ପାଇଁ ୪୬୮୧ କୋଟି ବ୍ୟୟ ବରାଦ । ମାଧୋ ସିଂ ହାତଖର୍ଚ୍ଚ ଯୋଜନା ପାଇଁ ୧୫୪କୋଟି, ଏସସି/ଏସଟି ଛାତ୍ରଛାତ୍ରୀଙ୍କ ମେଧାବୃତ୍ତି ପାଇଁ ୪୫୦କୋଟି । ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ପାଇଁ ୨୧୦ କୋଟି ବରାଦ କରାଯାଇଥିବାବେଳେ ଶହୀଦ ଲକ୍ଷ୍ମଣ ନାୟକ ସ୍କୁଲ ରୂପାନ୍ତରଣ ପାଇଁ ୧୦୦ କୋଟି ବ୍ୟୟବରାଦ କରାଯାଇଛି ।

## ଗତ ୪ ବର୍ଷ ମଧ୍ୟରେ ୩୬ ହଜାରରୁ ଅଧିକ ମହିଳା ଏବଂ ଏତିକି ଶିଶୁ ନିଖୋଜ, ମୁଖ୍ୟମନ୍ତ୍ରୀ ଦେଲେ ସୂଚନା

ଭୁବନେଶ୍ୱର,୧୭।୨(ପି.ଏନ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଶ୍ଚର୍ଯ୍ୟ କଲା ଭଳି ସୂଚନା ଜାରି କରିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ଓଡିଶାରେ ଗତ ୪ ବର୍ଷରେ ୩୬ ହଜାରରୁ ଅଧିକ ମହିଳା ଏବଂ ୮ ହଜାର ୪୦୦ ଶିଶୁ ନିଖୋଜ ହୋଇଯାଇଛନ୍ତି ।ଏହି ଚିନ୍ତାଜନକ ଘଟଣା ବିଷୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ଜାରି କରିଛନ୍ତି । ବିଧାନସଭାରେ ବିଧାୟକ ଚକ୍ରମଣି କହଁରଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ନିଖୋଜ ମହିଳା ଏବଂ ଶିଶୁଙ୍କ ସଂଖ୍ୟାର ଖୁଲାସା କରିଛନ୍ତି ।ମୁଖ୍ୟମନ୍ତ୍ରୀ ମୋହନ ମାଝୀ କହିଛନ୍ତି ଯେ, ୨୦୨୦ରୁ ୨୦୨୪ ମଧ୍ୟରେ ରାଜ୍ୟରେ ୮ ହଜାର ୪୦୩ ଜଣ ଶିଶୁ ସମେତ ସମୁଦାୟ ୩୬ ହଜାର ୪୨୦ ଜଣ ମହିଳା ନିଖୋଜ ଅଛନ୍ତି । ଏଥିରୁ ରକ୍ଷା ପାଇବାକୁ ଅନେକ ଯୋଜନା ମଧ୍ୟ କରାଯାଇଛି ।

## ପଦ୍ମ ପୁରସ୍କାର ପ୍ରାପ୍ତ ବ୍ୟକ୍ତିଙ୍କୁ ମାସିକ ୩୦ ହଜାର ଦେବେ ସରକାର

ଭୁବନେଶ୍ୱର,୧୭।୨(ପି.ଏନ): ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ବଜେଟ ଉପସ୍ଥାପନ କରାଯାଇଛି । ତେବେ ଚଳିତ ବର୍ଷ ବଜେଟରେ ଓଡ଼ିଆ ଅସ୍ମିତାକୁ ସ୍ଥାନ ଦିଆଯାଇଥିବା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଆଗାମୀ ଆର୍ଥିକ ବର୍ଷ ପାଇଁ ସରକାର ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପାଇଁ ୪୮୨ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି ।ଓଡିଆ ଅସ୍ମିତା ପାଇଁ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା ପାଇଁ ୧୯୪ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ସେହିପରି ମହାପୁରୁଷ ନୀଳକଣ୍ଠ ଦାସଙ୍କ ପ୍ରତିମୂର୍ତ୍ତି ତାଙ୍କର ଜନ୍ମଭୂମିରେ ପ୍ରତିଷ୍ଠା ପାଇଁ ୧୦ କୋଟି ଟଙ୍କା ଅଟକଳ ରଖାଯାଇଛି । ସେହିପରି ଐତିହ୍ୟସ୍ଥଳର ସୁରକ୍ଷା ପାଇଁ ୧୫ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି । ସାଂସ୍କୃତିକ କାର୍ଯ୍ୟକ୍ରମ ସଂଗଠନ ପାଇଁ ରାଜ୍ୟ ସରକାର ୫୦ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି ।

### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୧୭ ତାରିଖ ସଂସ୍କରଣ ପ୍ରକାଶିତ ହୋଇନଥିବାରୁ ଆମେ ଦୁଃଖିତ ।

–ପ୍ରକାଶକ

## କିଏ ହେବେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ? ଏଯାଏ ଘୋଷଣା ହୋଇନି ନାଁ, କିନ୍ତୁ ଗୁରୁବାର ଶପଥ ଉତ୍ସବ



ଭୁବନେଶ୍ୱର,୧୭।୨(ପି.ଏନ): ଦେଶର ରାଜଧାନୀ ଦିଲ୍ଲୀ ବିଧାନସଭା ନିର୍ବାଚନର ରେଜଲ୍ଟ ଘୋଷଣାକୁ ଗୋଟିଏ ସପ୍ତାହକୁ ଅଧିକ ଦିନ ବିତି ଗଲାଣି । ଦୀର୍ଘ ୨୭ ବର୍ଷ ପରେ ବିଜେପି ଦିଲ୍ଲୀ ବିଧାନସଭାରେ ବାଜିମାତ କରିଥିବାରୁ ବେଶ ଉତ୍ସାହିତ । ଦଳ ୨୭ ବର୍ଷ ପରେ ଦିଲ୍ଲୀ ଦଖଲ କରିଥିଲେ ହେଁ ଏଯାଏ ଏହାର କମାଣ କିଏ ସମ୍ଭାଳିବେ, ତାଙ୍କ ନାଁ ଘୋଷଣା କରିପାରୁନି ।ଦିଲ୍ଲୀ ବିଧାନସଭାର ୭୦ଟି ଆସନରୁ ବିଜେପି ୪୮ଟି ଜିତିଥିବା ବେଳେ ୨୦୧୫ରୁ କ୍ଷମତାରେ ଥିବା ଆପ୍ ? ୨୨ଟି ଜିତିଛି । ବିଜେପି ଦୁଇ ତୃତୀୟାଂଶରୁ ଅଧିକ ଆସନ ଜିତି ଦିଲ୍ଲୀରେ ସରକାର ଗଠନ କରିବାକୁ ଜନାଦେଶ ପାଇଛି । ବିନା ମୁଖ୍ୟମନ୍ତ୍ରୀ ପ୍ରାର୍ଥୀରେ ବିଜେପି ଦିଲ୍ଲୀ ବିଧାନସଭା ନିର୍ବାଚନ ଲଢୁଥିଲା । ଐତିହାସିକ ବିଜୟରେ ଦଳ ମୁଖ୍ୟମନ୍ତ୍ରୀ ଚେହେରା ଚୟନ ପାଇଁ ଘନଘନ ବୈଠକ କରୁଛି । ହେଲେ ୯ ଦିନ ପରେ ମଧ୍ୟ ବିଜେପି ଦିଲ୍ଲୀର ମୁଖ୍ୟମନ୍ତ୍ରୀ କିଏ ହେବେ, ସେକଥା ଘୋଷଣା କରିପାରୁ ନାହିଁ । ଏବେ ସବୁ କିଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ନିର୍ଭର କରୁଛି । ସେ ହିଁ ଦିଲ୍ଲୀର ନୂଆ ମୁଖ୍ୟମନ୍ତ୍ରୀଙ୍କୁ ଚୟନ କରିବେ ବୋଲି ଜଣାପଡିଛି ।

## ବଜେଟ୍‌ରେ ସୁଭଦ୍ରା ପାଇଁ ୧୦ ହଜାର ୧୪୫ କୋଟି, ଜାଣନ୍ତୁ କନ୍ୟା ଯୋଜନା ପାଇଁ କେତେ

ଭୁବନେଶ୍ୱର,୧୭।୨(ପି.ଏନ): ଆଜି ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଜେଟ୍ ଉପସ୍ଥାପନ କରୁଛନ୍ତି । ତେବେ ଏହି ବଜେଟରେ ସୁଭଦ୍ରା ପାଇଁ ୧୦ ହଜାର ୧୪୫ କୋଟି ଟଙ୍କା ବଜେଟ ପ୍ରସ୍ତୁତ କରାଯାଇଛି ।ପ୍ରଥମ କିସ୍ତିରେ ଏଯାବତ ୪ ହଜାର ୯ ଶହ କୋଟି ଦେଇ ସାରିଲୁଣି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ବଜେଟ ଉପସ୍ଥାପନା ବେଳେ କହିଛନ୍ତି । ଏଥିସହ ସେ ଆହୁରି ପ୍ରକାଶ କରିଛନ୍ତି ଯେ, କନ୍ୟା ଯୋଜନାରେ ୧୨ କୋଟି ବ୍ୟୟ କରିବୁ ।

## ଏଣିକି ସକାଳୁଆ ଚାଲିବ ଉଚ୍ଚ ଶିକ୍ଷାନୁଷ୍ଠାନ: SOP ଜାରି କଲା ଉଚ୍ଚଶିକ୍ଷା ବିଭାଗ

ଭୁବନେଶ୍ୱର,୧୭।୨(ପି.ଏନ): ଏଣିକି ସକାଳୁଆ ଚାଲିବ ଉଚ୍ଚଶିକ୍ଷା ଅନୁଷ୍ଠାନ । ଝଙଚ ଜାରି କଲା ଉଚ୍ଚଶିକ୍ଷା ବିଭାଗ । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସକାଳୁଆ କ୍ଲାସ୍ ଓ ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରଚୁର ପରିମାଣର ପାନୀୟ ଜଳ ଓ ଢଜଝ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ଗ୍ରୀଷ୍ମ ପ୍ରବାହ ମୁକାବିଲା ପାଇଁ କଲେଜରେ ଓ ପରୀକ୍ଷା କେନ୍ଦ୍ରରେ ଫାଷ୍ଟଏଡ୍ କିଟ୍ ରଖାଯିବ । ଗ୍ରୀଷ୍ମ ପ୍ରବାହ ମୁକାବିଲା, SOP ପାଳନ ତଦାରଖ ପାଇଁ ସ୍କ୍ୱାଡ ଗଠନ ହେବ ।

## ଭକ୍ତଙ୍କ ପାଇଁ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା, ୩୦ କୋଟି ଟଙ୍କାର ବ୍ୟୟ ବରାଦ

ଭୁବନେଶ୍ୱର,୧୭।୨(ପି.ଏନ): ଗରିବ ଭକ୍ତଙ୍କ ପୂରଣ ହେବ ମନସ୍କାମନା । ଏଥିପାଇଁ ବଜେଟରେ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଭକ୍ତଙ୍କ ପାଇଁ କରାଯାଉଛି ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା । ଏଥିପାଇଁ ବଜେଟରେ ୩୦ କୋଟି ଟଙ୍କାର ବ୍ୟୟବରାଦ ପ୍ରସ୍ତାବ ହୋଇଛି ।ଏଥିରେ ଗରିବ ଭକ୍ତ ସଦର ମହକୁମାରୁ ଆସି ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ । ତେବେ ଏନେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ମହାପ୍ରଭୁ ଶ୍ରୀ ଜଗନ୍ନାଥ ଓଡିଆ ସଂସ୍କୃତିର ପ୍ରାଣକେନ୍ଦ୍ର ଅଟନ୍ତି । ରତ୍ନ ସିଂହାସନରେ ବିରାଜମାନ ମହାପ୍ରଭୁଙ୍କୁ ଦେଖିବାକୁ ପ୍ରତିଟି ଓଡିଆଙ୍କ ଇଚ୍ଛା ।ଗରିବ ଭକ୍ତଙ୍କ ମନସ୍କାମନା ପୂରଣ କରିବାକୁ ନୂଆ ଯୋଜନା ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା ଆରମ୍ଭ କରାଯାଉଛି । ପ୍ରତ୍ୟେକ ଜିଲ୍ଲା ସଦରମହକୁମାରୁ ଶ୍ରୀ ଜଗନ୍ନାଥ ଦର୍ଶନ ପାଇଁ ସ୍ୱତନ୍ତ୍ର ବସରେ ଗରିବ ଭକ୍ତମାନେ ମାଗଣାରେ ପୁରୀ ଆସିପାରିବେ । ଜଗନ୍ନାଥ ଦର୍ଶନ କରିବା ସହିତ ଅବଢା ଖାଇବାର ବ୍ୟବସ୍ଥା କରାଯିବ ବୋଲି ମୋହନ ମାଝୀ କହିଛନ୍ତି ।



## ପ୍ରଧାନମନ୍ତ୍ରୀ ଆବାସ ଯୋଜନା: ନିର୍ମାଣ ହେବ ୫ ଲକ୍ଷ ଘର



ଭୁବନେଶ୍ୱର,୧୭।୨(ପି.ଏନ): ବିଧାନସଭାରେ ଉପସ୍ଥାପନ ହେଉଛି ଓଡିଶା ବଜେଟ । ଏହାକୁ ଉପସ୍ଥାପନା କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏହି ବଜେଟରେ ଅନ୍ତୋଦୟ ଯୋଜନା ପାଇଁ ବଜେଟ ପ୍ରସ୍ତୁତ କରାଯାଇଛି । ଯାହା ବର୍ତ୍ତମାନ ସାମ୍ନାକୁ ଆସିଛି । ଆସନ୍ତୁ ଜାଣିବା..ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିର୍ମାଣ ହେବ ୫ ଲକ୍ଷ ଘର । ୫ ଲକ୍ଷ ଘର ନିର୍ମାଣ ପାଇଁ ଗରିବ ଏବଂ ମଧ୍ୟବିତ୍ତ ଲୋକଙ୍କୁ ୪ ହଜାର ୫ ଶହ କୋଟି ଟଙ୍କା ବଣ୍ଟନ କରାଯିବ ।

## କିଟ୍‌ରେ କାହିଁକି ବଢୁଛି ଆତ୍ମହତ୍ୟା ?

ଭୁବନେଶ୍ୱର,୧୭।୨(ପି.ଏନ): ରବିବାର ସନ୍ଧ୍ୟାରେ କିଟ୍ କ୍ୟାମ୍ପସ ହଷ୍ଟେଲରେ ଜଣେ ବିଦେଶୀ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି । ଏହି ଘଟଣା ପୁଣି ଥରେ ଶିକ୍ଷାନୁଷ୍ଠାନ ପରିସରରେ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ଘଟଣାକୁ ପଦାକୁ ଆଣିଛି । ଛାତ୍ରଛାତ୍ରୀଙ୍କୁ ଠିକ୍ ସମୟରେ କାଉନସେଲିଂ ନଦେବାରୁ ସମସ୍ୟା ଜଟିଳ ହେଉଥିବା ଦେଖାଯାଉଛି । ରବିବାର ଆତ୍ମହତ୍ୟା କରିଥିବା ଛାତ୍ରୀ ପ୍ରକୃତି ଲାମସାମ ବିଟେକ୍ ତୃତୀୟ ବର୍ଷର ଜଣେ ଛାତ୍ରୀ । ସେ ନେପାଳର । ଅନ୍ୟପଟରେ ତାଙ୍କର ସହପାଠୀ ବନ୍ଧୁ ଅଦ୍ୱିକ ଶ୍ରୀବାସ୍ତବ ବି ସେହି ବିଟେକ୍ ତୃତୀୟ ବର୍ଷର ଜଣେ ଛାତ୍ର । ସେ ମଧ ଜଣେ ନେପାଳର ଛାତ୍ର । ଉଭୟ ମେକାନିକାଲ ଇଂଜିନିୟରିଂର ଛାତ୍ରଛାତ୍ରୀ ହୋଇଥିବାବେଳେ ପରସ୍ପରଙ୍କ ଭିତରେ ପ୍ରେମ ସଂପର୍କ ଥିଲା । ପ୍ରେମ ସଂପର୍କରେ ବିଫଳତା ଓ ମେନାମାଳିନ୍ୟ ଆତ୍ମହ୍ୟତାର କାରଣ ବୋଲି କିଟର ରେଜିଷ୍ଟ୍ରାର୍ ଜୟନାରାୟଣ ମହାନ୍ତି ଦର୍ଶାଇଛନ୍ତି ।



## ଦରବୃଦ୍ଧିରେ ଦେଶରେ ଓଡ଼ିଶା ଆଗରେ: ଡବଲ ଇଞ୍ଜିନ ସରକାର ଡବଲ ମିଛ କହି ଓଡ଼ିଶାକୁ ଲୁଟୁଛି, ବର୍ଷିଲା ବିଜେଡି

ଭୁବନେଶ୍ୱର,୧୭।୨(ପି.ଏନ): ବିଧାନସଭାରେ ଦରଦାମ୍ ତାତି । ମୁଲତବୀ ପ୍ରସ୍ତାବରେ ଡବଲ ଇଞ୍ଜିନ ସରକାରକୁ ବିଜେଡିର ଟାର୍ଗେଟ । ଦରବୃଦ୍ଧିରେ ଦେଶରେ ଓଡ଼ିଶା ଆଗରେ । ଅରୁଣ କହିଲେ ଚାନ୍ଦା ପାଇଁ ସୃଷ୍ଟି ହୋଇଛି ଏଭଳି ସ୍ଥିତି । ସ୍ୱର ମିଳାଇଲା କଂଗ୍ରେସ, ଜବାବ ଦେଲା ବିଜେପି । ଖାଇବା ତେଲରୁ ଡାଲି ଯାଏ, ଅଟା ଠାରୁ ଡାଟା ଯାଏ, ପେଟ୍ରୋଲରୁ ଡିଜେଲ୍, ଜାଲ ରୁ ପାଲ ଯାଏ ଦରଦାମ୍ ଅହେତୁକ ଭାବେ ବୃଦ୍ଧି ପାଇଛି । ଡବଲ ଇଞ୍ଜିନ ସରକାର ଡବଲ ମିଛ କହି ଓଡ଼ିଶାକୁ ଲୁଟୁଥିବା କହି ବର୍ଷିଛନ୍ତି ବରିଷ୍ଠ ବିଜେଡି ବିଧାୟକ ଅରୁଣ ସାହୁ । ଗ୍ୟାସ ଦର ୨୦୧୪ ରୁ ପରେ ୬୦୦ ଟଙ୍କା ବଢ଼ିଛି । ପେଟ୍ରୋଲ ଓ ଡିଜେଲ୍ ଦର ଶହେ ପାର । ସୁନା ଦର ବିଜେପି ସରକାର ଆସିବା ବେଳେ ୨୮



ହଜାର ଥିଲା, ଏବେ ୮୮ ହଜାରରେ ପହଂଚିଛି । ଟଙ୍କାର ମୂଲ୍ୟ କମିଛି । ନିର୍ବାଚନ ଚାନ୍ଦା ପାଇଁ ଦରଦାମ ବୃଦ୍ଧି ପାଉଥିବା ଅଭିଯୋଗ ହୋଇଛି । କେନ୍ଦ୍ର ଓ ରାଜ୍ୟ ସରକାର ଦରଦାମ ନିୟନ୍ତ୍ରଣ କରିବାରେ ବିଫଳ । ଦରଦାମ ନିୟନ୍ତ୍ରଣ କରିବାରେ କେନ୍ଦ୍ର ସରକାର ଅଧିକ ଭୂମିକା । ହେଲେ ରାଜ୍ୟର ଦାୟିତ୍ୱ ମଧ୍ୟ ଅଛି । ରାଜ୍ୟସରକାରଙ୍କ ନିୟନ୍ତ୍ରଣରେ ଭାଟ କମାଇବା ରହିଛି । ପେଟ୍ରୋଲ ଡିଜେଲରେ ଭାଟ କମାଇଲେ ଦରଦାମ ହୁଏତ ନିୟନ୍ତ୍ରଣକୁ ଆସିବ । ସାଧାରଣ ଲୋକ ହିଁ ଦରଦାମରେ ସଫର୍ ହେଉଛି । ଆଦାନୀ ଅମ୍ବାନୀ କି ବିଧାୟକ ଯାଉନାହାନ୍ତି ଅଟୋ ରିକ୍ସାରେ, ସାଧାରଣ ଲୋକ ଯାଉଛନ୍ତି । ଖୁଚୁରା ବ୍ୟବସାୟୀଙ୍କୁ ମାରି ନୁହେଁ, ବଡ଼ ବଡ଼ କର୍ପୋରେଟଙ୍କୁ ଧର । ମନ୍ତ୍ରୀ କେବଳ ୧ ନମ୍ବର୍ ହାଟ ଯାଉଛନ୍ତି, ହେଲେ ମଲକୁ ଯାଉନାହାନ୍ତି । ଝିଣ୍ଟିକା ମାରି ବଣୀ ନପୋଷନ୍ତୁ ସରକାର । କେନ୍ଦ୍ରକୁ ଦରଦାମ ନିୟନ୍ତ୍ରଣ କରିବାକୁ ଛୋଟ ଇଞ୍ଜିନ ଦାବି କରୁ । ସବ୍ କା ସାଥ, ସବ୍ କା ବିକାଶ ନୁହେଁ, ସବ୍ କା ବିନାଶ କରୁଛନ୍ତି ରାଜ୍ୟ ସରକାର ବୋଲି ଅଭିଯୋଗ ବାଢିଛି ବିଜେଡି । ସେହିପରି ଦରଦାମ ବୃଦ୍ଧିକୁ ନେଇ ମୁଲତବୀ ପ୍ରସ୍ତାବରେ ବର୍ଷିଛନ୍ତି ବରିଷ୍ଠ ବିଜେଡ଼ି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ । ଯୋଗଣ ମନ୍ତ୍ରୀଙ୍କୁ ଟାର୍ଗେଟ କରି ସେ କହିଛନ୍ତି ଯେ ଯେତେବେଳ ଦେଶରେ ଆଳୁ ଓ ପିଆଜ ଦର ବୃଦ୍ଧି ପାଇ ନଥିଲା, ସେତେବେଳେ ଓଡ଼ିଶାର ଆଳୁ ଓ ପିଆଜ ଦର ବୃଦ୍ଧି କଲେ ରାଜ୍ୟ ସରକାର । କୁଆଡେ ଗଲା ଆଳୁ ଟ୍ରକ୍ । ମନ୍ତ୍ରୀ ଏବେ କହିବେ କୁମ୍ଭମେଳାରେ ଆଳୁ ଟ୍ରକ୍ ଟ୍ରାଫିକ ଜାମରେ ଫସିଯାଇଛି । ପରିବା ଦର ୩୦ ପ୍ରତିଶତ ବୃଦ୍ଧି ପାଇଛି । ହେଲେ କିଛି କଳା ବ୍ୟବସାୟୀଙ୍କ ସହ ମଧୁଚନ୍ଦ୍ରିକା ଯୋଗୁ ଦରଦାମ୍ ବୃଦ୍ଧି ପାଉଛି । ଅନ୍ୟପଟେ ଯୋଗଣ ମନ୍ତ୍ରୀ କହିଛନ୍ତି ଦରଦାମ୍ ନିୟନ୍ତ୍ରଣ ଭିତରେ ରହିଛି । ଦରଦାମ୍ ନିୟନ୍ତ୍ରଣ ବାହାରକୁ ଯିବାକୁ ନେଇ ବିଜେଡି ରାଜରାସ୍ତାରୁ ବିଧାନସଭା ଯାଏ ଲଢେଇ ଜାରି ରଖିଛି । ଦଳ ଲୋକଙ୍କ ସ୍ୱର ସାଜି ଲଢୁଛି ।






## ଓଜନ ଏମିତି କମାନ୍ତୁ...



ଆପଣ ଯଦି ନିଜ ବୃଦ୍ଧି ପାଉଥିବା ଓଜନ ପାଇଁ ଚିନ୍ତିତ, ତେବେ କିଛି ସରଳ ଉପାୟ ପ୍ରତି ଧ୍ୟାନ ଦେଲେ ଏହି ସମସ୍ୟା ଦୂର ହେବ। ଏହି ଉପାୟ ଆପଣାଇବା ଦ୍ୱାରା ଏକ ମାସରେ ପ୍ରାୟ ୧୦ କେଜି ଓଜନ ହ୍ରାସ ହେବ।

ଏକ ଗ୍ଲାସ ପାଣିରେ ଏକ ଚାମଚ ସେଓ ସିରକା ଓ ଏକ ଚାମଚ ଲେମ୍ବୁ ରସ ମିଶାନ୍ତୁ। ଏହାକୁ ଜଳଖିଆ ପୂର୍ବରୁ ପିଅନ୍ତୁ।

ସକାଳର ଆରମ୍ଭ ପୁଦିନାପତ୍ର ଓ ପାନମଧୁରୀ ପାଣି ପିଇ ଆରମ୍ଭ କରନ୍ତୁ।

ସକାଳେ ଉଠିବା ପରେ ୩୦ ମିନିଟ୍ ନିଶ୍ଚୟ ବ୍ୟାୟାମ କରନ୍ତୁ।

ଜଳଖିଆରେ ୧ ପାତ୍ରରେ କ୍ଷୀର ସହ କର୍ଣ୍ଣଫ୍ଲେକ୍ସ, ଓଟସ୍ କିମ୍ବା ଦଲିଆ ଖାଆନ୍ତୁ।

ଖରାବେଳର ଖାଦ୍ୟରେ ୨ଟି ରୁଟି, ଯେକୌଣସି ପନିପରିବାର ତରକାରୀ, ଅଳ୍ପ ଡାଲି ଓ ଦହି ଖାଆନ୍ତୁ।

ସନ୍ଧ୍ୟା ସମୟରେ କ୍ଷୀର ଚା’ ବଦଳରେ ଗ୍ରୀନ୍‌ଟି ପିଅନ୍ତୁ। ରାତି ଖାଦ୍ୟରେ ଅନ୍ୟ ଖାଦ୍ୟ ଅପେକ୍ଷା ସ୍ୱାସ୍ଥ୍ୟକର ସାଲାଡ୍ ଓ ଏକ ଗ୍ଲାସ କ୍ଷୀର ପିଅନ୍ତୁ। ସକାଳେ ଓ ରାତିରେ ଖାଇବା ପରେ ଅଳ୍ପ ସମୟ ଚାଲନ୍ତୁ। ପ୍ରତିଦିନ କ୍ୟାଲୋରୀ ପ୍ରତି ଧ୍ୟାନ ଦେବା ସହ ଏହାକୁ ୧୦୦୦-୧୫୦୦ କ୍ୟାଲୋରୀ ମଧ୍ୟରେ ରଖନ୍ତୁ।

## ଖରାରେ ପିଅନ୍ତୁ ବେଲ ସରବତ



ଖରାଦିନେ ଅଧିକାଂଶ ବେଲ ସରବତ କିମ୍ବା ଏହାର ଜୁସ୍ ପିଇବାକୁ ପସନ୍ଦ କରିଥାଆନ୍ତି। ଜାଣନ୍ତୁ ସ୍ୱାସ୍ଥ୍ୟ ପାଇଁ ଏହାର ଉପକାରୀ ଗୁଣ ବିଷୟରେ..

ବେଲ ସରବତ କେବଳ ଶରୀରକୁ ଥଣ୍ଡା ରଖେ ତାହା ନୁହେଁ ବରଂ ଏହା ତୁରନ୍ତ ଶକ୍ତି ପ୍ରଦାନ କରିଥାଏ।

ବେଲ ସରବତ ପିଇବା ଦ୍ୱାରା ଶରୀରରେ ଜଳୀୟଅଂଶର ଅଭାବ ଦୂର ହୋଇଥାଏ।

ଖରାଦିନେ କିଛି ଲୋକଙ୍କ ନାକରୁ ରକ୍ତ ବାହାରିବା ସମସ୍ୟା ଦେଖାଯାଏ। ସେମାନେ ନିୟମିତ ବେଲ ସରବତ ପିଅନ୍ତୁ।

ପେଟ ଖରାପ ଥିଲେ ବେଲ ସରବତ ପିଇବା ଖୁବ ଉପକାରୀ।

ବେଲ ସରବତ ପିଇବା ଦ୍ୱାରା ପାଚନ ଜନିତ ସମସ୍ୟାରୁ ମୁକ୍ତି ମିଳିଥାଏ।

ବେଲ ସରବତ ପିଇବା ଦ୍ୱାରା ଶରୀରରେ ହେଉଥିବା ବିଭିନ୍ନ ପ୍ରକାର ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ।

ବେଲ ସରବତ ଉଚ୍ଚ ରକ୍ତଚାପ ରୋଗୀଙ୍କ ପାଇଁ ମଧ୍ୟ ଲାଭଦାୟକ।

ବେଲ ସରବତ ପିଇବା ଦ୍ୱାରା କୋଲେଷ୍ଟେରୋଲ୍ ସ୍ତର ନିୟନ୍ତ୍ରଣ ହୋଇ ରହିଥାଏ। ବେଲ ସରବତ ପିଇବା ଦ୍ୱାରା ପେଟ ଥଣ୍ଡା ରହିଥାଏ।

ବେଲ ସରବତ ରକ୍ତ ପରିଷ୍କାର କରିବାରେ ସହାୟକ ହେବା ସହ ଏହା ହୃଦୟ ଜନିତ ରୋଗ ଓ କର୍କଟ ଭଳି ମାରାତ୍ମକ ରୋଗରୁ ମଧ୍ୟ ଶରୀରକୁ ରକ୍ଷା କରିଥାଏ।



## ଉଚ୍ଚତା ବୃଦ୍ଧି ପାଇଁ ପ୍ଲାଷ୍ଟିକ ସର୍ଜରି

ଲୋକମାନେ ନିଜ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ପ୍ଲାଷ୍ଟିକ୍ ସର୍ଜରି କରିବା ଏବେ ଏକ ସାଧାରଣ କଥା ହୋଇଯାଇଛି। ବିଶେଷ କରି ନିଜ ରୂପକୁ ପୁଞ୍ଜି କରି ଜୀବିକା ଅର୍ଜନ କରୁଥିବା ମଡେଲ୍, ଅଭିନେତା ପ୍ରମୁଖ ଏଭଳି ଅସ୍ତ୍ରୋପଚାର କରୁଥିବା କାହାରିକୁ ଅଛପା ନାହିଁ। ତେବେ ସେମାନେ ଆଜିକାଲି ନିଜ ଉଚ୍ଚତା ବୃଦ୍ଧି ଲାଗି ଆଉ ଏକ ବ୍ୟୟବହୁଳ ତଥା ଭୀଷଣ କଷ୍ଟଦାୟକ ଅସ୍ତ୍ରୋପଚାର କରିବା ଆରମ୍ଭ କରିଛନ୍ତି। ୩୧ ବର୍ଷୀୟା ଜର୍ମାନ ମଡେଲ୍ ଥେରେସିଆ ଫିଚର୍ ସେମାନଙ୍କ ମଧ୍ୟରୁ ଜଣେ। ନିଜ ଉଚ୍ଚତାକୁ ନେଇ ସେ ଖୁବ୍ ଅସନ୍ତୁଷ୍ଟ ଥିଲେ। ସେଥିପାଇଁ ସେ ଅନେକ ଥଟ୍ଟାମଜାର ଶରବ୍ୟ ହେବା ପରେ ଉଚ୍ଚତା ବୃଦ୍ଧି ପାଇଁ ଅସ୍ତ୍ରୋପଚାର କରିବାକୁ ସ୍ଥିର କରିଥିଲେ। ଦୁଇଟି ଅସ୍ତ୍ରୋପଚାର ପରେ ତାଙ୍କ ଦୁଇ ଗୋଡ଼ରେ ଟେଲିସ୍କୋପିକ୍ ରଡ୍ ଖଞ୍ଜି ଦିଆଯାଇଥିଲା। ତିନି ମାସ ପରେ ତାଙ୍କ ଉଚ୍ଚତା ପୂର୍ବ ତୁଳନାରେ ୧୪ ସେସଟିମିଟର୍ ବୃଦ୍ଧି ପାଇ ଛଅ ଫୁଟ୍‌ରେ ପହଂଚିଛି। ଏଥିପାଇଁ ତାଙ୍କ ଆତ୍ମବିଶ୍ୱାସ ବଢ଼ିଛି ଏବଂ ତାଙ୍କୁ ଜଣେ ନୂଆ ବଏଫ୍ରେଣ୍ଡ୍ ମିଳିଛନ୍ତି। ଏହା ତାଙ୍କର ପ୍ରସିଦ୍ଧିକୁ ମଧ୍ୟ ବହୁଗୁଣିତ କରିଦେଇଛି। ଏବେ ଇନ୍‌ଷ୍ଟାଗ୍ରାମ୍‌ରେ ତାଙ୍କର ପ୍ରାୟ ଦେଢ଼ ଲକ୍ଷ ଅନୁଗାମୀ ହେଲେଣି। ଏଥିପାଇଁ ତାଙ୍କୁ କମ୍ ମୂଲ୍ୟ ଦେବାକୁ ପଡ଼ି ନାହିଁ। ଉଚ୍ଚତା ବୃଦ୍ଧି ଅସ୍ତ୍ରୋପଚାର ଓ ଆନୁଷଙ୍ଗିକ ଖର୍ଚ୍ଚ ମିଶି ସେ ପ୍ରାୟ ୧ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରିସାରିଛନ୍ତି। ଉଚ୍ଚତା ବୃଦ୍ଧି ତାଙ୍କୁ ଅନେକ ଖୁସି ଓ ସନ୍ତୁଷ୍ଟି ଦେଇଛି ସତ, ହେଲେ ତାଙ୍କୁ ଏବେ ଅନ୍‌ଲାଇନ୍‌ରେ ଅନେକ ଲୋକ ବ୍ୟଙ୍ଗବିଦ୍ରୂପ କରୁଛନ୍ତି। ଯାହାର ଉଚ୍ଚତା ପୂର୍ବରୁ ୫ ଫୁଟ୍ ୭ ଇଂଚ ଥିଲା ସେ ଅସୁରକ୍ଷାବୋଧ କରିବାର କୌଣସି କାରଣ ନାହିଁ, ଏହା କେବଳ ତାଙ୍କ ବିକୃତ ମାନସିକତାର ଫଳଶ୍ରୁତି ବୋଲି କିଛି ଲୋକ ମନ୍ତବ୍ୟ ଦେଉଛନ୍ତି।

## ଧୈର୍ଯ୍ୟ ହିଁ ସଫଳତାର ମୂଳମନ୍ତ୍ର

ସବୁବେଳେ ନିଜର ଫିଲ୍ମକୁ ନେଇ ଚର୍ଚ୍ଚାରେ ରହୁଥିବା ବଲିଉଡ ଅଭିନେତ୍ରୀ ଦୀପିକା ପାଦୁକୋନ ଏବେ ନିଜ ଉପଦେଶକୁ ନେଇ ଚର୍ଚ୍ଚାରେ ଅଛନ୍ତି। ବିବାହ ବନ୍ଧନ କିଭଳି ଅଧିକ ଦିନ ପର୍ଯ୍ୟନ୍ତ ମଜବୁତ ହୋଇ ରହିବ, ସେ ବିଷୟରେ ଜଣାଇଛନ୍ତି ଦୀପିକା। ଏକ ସାକ୍ଷାତକାରରେ ଦୀପିକା ସମସ୍ତଙ୍କ ଧୈର୍ଯ୍ୟ ରଖିବାକୁ କହିଥିବା ସାମ୍ନାକୁ ଆସିଛି। ଦୀପିକା ଓସ୍କାରରେ ନଜର ଆସି ଲୋକପ୍ରିୟତା ସାଉଁଟିଥିବା ବେଳେ ଏବେ ତାଙ୍କ ଫଟୋ ଟାଇମ୍ ପତ୍ରିକାର କଭରରେ ନଜର ଆସିଛି। ଏନେଇ ଟାଇମ୍ ପତ୍ରିକାକୁ ସାକ୍ଷାତକାର ଦେଇ ଦୀପିକା ନିଜ ବ୍ୟକ୍ତିଗତ ଓ ପେସାଦାର ଜୀବନ ବିଷୟରେ ଅନେକ କଥା ସେୟାର କରିଛନ୍ତି। ସଫଳ ବୈବାହିକ ଜୀବନ ବା ବିବାହକୁ ଦୀର୍ଘସ୍ଥାୟୀ କରିବାକୁ ଧୈର୍ଯ୍ୟ ଜରୁରୀ ବୋଲି କହିଛନ୍ତି ଦୀପିକା। ସେ କହିଛନ୍ତି, “ମୁଁ ଭାବୁଛି ଆମେ ସମସ୍ତେ ଫିଲ୍ମ ଦ୍ୱାରା ପ୍ରଭାବିତ ହୋଇ କିମ୍ବା ଆମ ସମ୍ପର୍କ ଓ ଆମ ଚାରିପାଖରେ ଥିବା ଦମ୍ପତିଙ୍କ ସମ୍ପର୍କ ଦ୍ୱାରା ପ୍ରଭାବିତ ହୋଇ ବଢ଼ିଛେ। ସେଥିପାଇଁ ଆମେ ନିଜ ସମ୍ପର୍କକୁ ଅନ୍ୟ ସହ ତୁଳନା କରିଥାଏ। ହେଲେ ଏହା ଭୁଲ। କେବେ ବି ନିଜର ବୈବାହିକ ସମ୍ପର୍କକୁ ଅନ୍ୟ କାହା ବେବାହିକ ସମ୍ପର୍କ ସହ ତୁଳନା କରିବେ ନାହିଁ। ସମସ୍ତଙ୍କ ଯାତ୍ରା ଭିନ୍ନ। ଯେତେ ଶୀଘ୍ର ଆମେ ଏହା ଗ୍ରହଣ କରିବା ସେତେ ଭଲ। ଆମେ ଆମ ମାତାପିତାଙ୍କ ସମ୍ପର୍କରୁ ଧୈର୍ଯ୍ୟ ଶିଖିବା ଜରୁରୀ। ଏବେକାର ଦମ୍ପତିଙ୍କ ମଧ୍ୟରେ ଧୈର୍ଯ୍ୟର ଅଭାବ ରହିଛି। ମୁଁ ଭାବୁଛି ଆମ ପରି ଦମ୍ପତି ବା ଆମ ପିଢ଼ିର ଦମ୍ପତି ଆମ ପୂର୍ବ ପିଢ଼ିରୁ ଧୈର୍ଯ୍ୟ ଶିଖିବା ଉଚିତ୍।”



## ଆଇଟମ୍ ଗୀତ ପାଇଁ ୫୦ ଲକ୍ଷ



ବଲିଉଡ ଏବଂ ସାଉଥ୍ ଅଭିନେତ୍ରୀ ତମନ୍ନା ଭାଟିଆ ପ୍ରାୟତଃ ଚର୍ଚ୍ଚାରେ ଥାଆନ୍ତି। ଅଭିନେତ୍ରୀଙ୍କ ସନ୍ଦୁରତା ପାଇଁ ସଭିଏଁ ଦିୱାନା। ତମନ୍ନା ବର୍ତ୍ତମାନ ସ୍ୱିଜର ଲ୍ୟାଣ୍ଡରେ ତାଙ୍କର ଆଗାମୀ ଚଳଚ୍ଚିତ୍ର “ଭୋଲା ଶଙ୍କର” ର ସୁଟିଂରେ ବ୍ୟସ୍ତ ଅଛନ୍ତି। ତମନ୍ନା ଜଣେ ଅଭିନେତ୍ରୀ ହେବା ସହ ସୁନ୍ଦର ଡ୍ୟାନ୍ସର। କିନ୍ତୁ ଜାଣିଛନ୍ତି କି ସେ ଗୋଟିଏ ଆଇଟମ୍ ଗୀତ ପାଇଁ କେତେ ଚାର୍ଜ କରନ୍ତି। ରିପୋର୍ଟରେ ଦର୍ଶାଯାଇଛି ଯେ ଅନିଲ ରବିପୁଡିଙ୍କ ନିର୍ଦ୍ଦେଶିତ ତଥା ନନ୍ଦାମୁରୀ ବାଲକ୍ରିଷ୍ଣାଙ୍କ ଅଭିନୀତ ଫିଲ୍ମ ଏନ୍‌ବିକେ ୧୦୮ ରେ ତମନ୍ନା ଏକ ବିଶେଷ ଭୂମିକା ଗ୍ରହଣ କରିବାକୁ ଯାଉଛନ୍ତି। ତମନ୍ନା ଏକ ଆକର୍ଷଣୀୟ ଆଇଟମ୍ ଗୀତ କରିବାକୁ ରାଜି ହୋଇଛନ୍ତି, ଯେଉଁଥିପାଇଁ ସେ ୫୦,୦୦,୦୦୦ ଟଙ୍କା ମୂଲ୍ୟର ଫି ମାଗିଛନ୍ତି। ଏହା ବ୍ୟତୀତ ତମନ୍ନା ବର୍ତ୍ତମାନ ନିର୍ଦ୍ଦେଶକ ନେସଲନ ଦିଲୀପ କୁମାରଙ୍କ ଅଭିନୀତ “ଜେଲର” ରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ। ପ୍ରଶଂସକଙ୍କ ସହ ନିଜର ଉତ୍ସାହ ବାଂଟି ସେ କିମ୍ବଦନ୍ତୀ ଅଭିନେତା ରଜନୀକାନ୍ତ ଏବଂ ମୋହନଲାଲଙ୍କ ସହ ଇନଷ୍ଟାଗ୍ରାମରେ ଫିଲ୍ମର ପ୍ରଥମ ଲୁକ୍ ସେୟାର କରିଥିଲେ। ତେବେ ଏନ୍‌ବିକେ ୧୦୮ ଦଳ ଏପର୍ଯ୍ୟନ୍ତ ଏହି ଖବର ବିଷୟରେ କୌଣସି ଅଫିସିଆଲି ସୂଚନା ପ୍ରକାଶ କରି ନାହାଁନ୍ତି ଏବଂ ତମନ୍ନା ସୋସିଆଲ ମିଡିଆରେ ଏ ବିଷୟରେ ନୀରବ ରହିଛନ୍ତି।

## ‘ଶାହାରୁଖଙ୍କ ପାର୍ଟିକୁ ନା’



ବଲିଉଡ ଅଭିନେତା ତଥା ସିରିଏଲ କିସର ନାମରେ ଜଣାଶୁଣା। ବର୍ତ୍ତମାନ ‘ଟାଇଗର-୩’ ‘ପାଇଁ ଇମ୍ରାନ ଚର୍ଚ୍ଚାରେ ଅଛନ୍ତି। ଏହି ଚଳଚ୍ଚିତ୍ରରେ ଭିଲେନ ଭୂମିକାରେ ଅଭିନୟ କରିଛନ୍ତି। ଯାହାର କାମ ଦର୍ଶକ ପ୍ରକୃତରେ ପସନ୍ଦ କରୁଛନ୍ତି। ଏହି ସମୟରେ ଅଭିନେତା ବଲିଉଡ କିଙ୍ଗ ଶାହରୁଖ ଖାନଙ୍କ ଜନ୍ମଦିନ ପାର୍ଟୀ ବିଷୟରେ ଏକ ବଡ଼ ଖୁଲାସା କରିଥିଲେ। ଏବଂ କହିଥିଲେ ଯେ ସେ ଏହି ପାର୍ଟିରେ ବିଲକୁଲ ମଜା ଆସିଲା ନାହିଁ। ଅଭିନେତାଙ୍କ ଠାରୁ ଏହା ଶୁଣି ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଆନ୍ତି। ୨ ନଭେମ୍ବରରେ ଏକ ଗ୍ରାଣ୍ଡ ପାର୍ଟି ଆୟୋଜନ କରିଥିଲେ ଶାହାରୁଖ। ତାଙ୍କର ୫୬ ତମ ଜନ୍ମଦିନ ସେଲିବ୍ରେଟ୍ କରିଛନ୍ତି। ଅଭିନେତାଙ୍କ ପାର୍ଟିରେ ବହୁ ବଡ ସେଲିବ୍ରିଟ୍ ଯୋଗ ଦେଇଥିଲେ। ସେଥିମଧ୍ୟରୁ ସାମିଲ ଥିଲେ ଇମ୍ରାନ୍ ହାଶମୀ। ଏକ ସାକ୍ଷାତକାରରେ ଇମ୍ରାନ କହିଛନ୍ତି, “ମୁଁ ସେହି ପାର୍ଟିରେ କେବଳ ୧୨ଟା ପର୍ଯ୍ୟନ୍ତ ରହିଥିଲି। କାରଣ ମୁଁ ସକାଳ ୬:୩୦ ବା ୭ ସୁଦ୍ଧା ଉଠେ। ମୁଁ ପାର୍ଟି ଅନିମଲ ନୁହେଁ କିମ୍ବା ମୁଁ ମଦ୍ୟପାନ କରେ ନାହିଁ। ଏହା ହେଉଛି ସବୁଠାରୁ ବଡ ସମସ୍ୟା।” ଇମ୍ରାନ ଆହୁରି କହିଛନ୍ତି, “ମୁଁ ଫିଲ୍ମର ସ୍ୱତନ୍ତ୍ର ସ୍କ୍ରିନିଂକୁ ମଧ୍ୟ ଯାଏ ନାହିଁ। କାରଣ ଯଦି ତୁମେ ସେଠାକୁ ଯାଅ, ତେବେ ତୁମେ ବାହାରକୁ ଆସି ଫିଲ୍ମର ପ୍ରଶଂସା କରିବାକୁ ବାଧ୍ୟ ... ଏବଂ ଯଦି ମୋତେ ଫିଲ୍ମକୁ ପସନ୍ଦ ଆସି ନାହିଁ, ତେବେ ମୁଁ ଏହାକୁ ପ୍ରଶଂସା କରିପାରିବି ନୁହେଁ। ଏଥିପାଇଁ ମୁଁ ସ୍କ୍ରିନିଂ ସ୍ଥାନ ପରିବର୍ତ୍ତେ ଥିଏଟରରେ କିମ୍ବା ଘରେ ଫିଲ୍ମ ଦେଖେ।




# ରାୟଗଡ଼ା ଉତ୍କଳ ଆଲୁମିନା ପକ୍ଷରୁ ରକ୍ତଦାନ ଶିବିର, ୫୮ ୟୁନିଟ୍ ରକ୍ତ ସଂଗ୍ରହ

ରାୟଗଡ଼ା (ପି.ଏନ):ରାୟଗଡ଼ା ଜିଲ୍ଲା ଅନ୍ତର୍ଗତ କାଶୀପୁର ବ୍ଲକର ଟିକିରି ନିକଟସ୍ଥ ନୂଆପଡ଼ାସ୍ଥିତ ଉତ୍କଳ ଆଲୁମିନା କ୍ଲବ ହାଉସରେ ଆଜି ଏକ ସ୍ୱେଛକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୫୮ ଜଣ ସ୍ୱେଛାକୃତ ଭାବେ ରକ୍ତଦାନ କରିଥିଲେ। ଆଜି ଏହି ରକ୍ତଦାନ ଶିବିରକୁ ଉତ୍କଳ ଆଲୁମିନା କମ୍ପାନୀର ୟୁନିଟ୍ ? ? ହେଡ୍ ? ? ରବି ନାରୟଣ ମିଶ୍ର, ଟିକିରି ସରପଞ୍ଚ ଜଗବନ୍ଧୁ ମାଝୀ, କୁଚେଇ ପଦର ସରପଞ୍ଚ ବାଙ୍ଗାରି ଦିଶାରୀ, ହାଡିଗୁଡା ସରପଞ୍ଚ ଯଦୁମଣି ମାଝୀ ପ୍ରମୁଖ ମିଳିତ ଭାବେ ଉଦଘାଟନ କରିଥିଲେ। ଏହାପରେ ରକ୍ତଦାନ ଶିବିର ଆରମ୍ଭ ହୋଇଥିଲା। ପ୍ରଥମେ ହିଣ୍ଡାଲକୋ କ୍ଲଷ୍ଟର ସିଏସଆର ମୁଖ୍ୟ ଶିବଶଙ୍କର ମହାପାତ୍ର, ଉତ୍କଳ ଆଲୁମିନା କମ୍ପାନୀର ୟୁନିଟ୍ ହେଡ୍ ରବି ନାରୟଣ ମିଶ୍ର ସ୍ୱେଛାକୃତ ଭାବେ ରକ୍ତଦାନ କରି ଏହାର ଶୁଭାରମ୍ଭ କରିଥିଲେ। ଏହି ରକ୍ତଦାନ ଶିବିରରେ କମ୍ପାନୀର ମାନବ ସମ୍ବଳ ବିଭାଗର ମୁଖ୍ୟ ବିଜୟ କୁମୁରା, ବାଫଲାମାଳି ଖଣି ପରିଚାଳକ ମୁଖ୍ୟ ବିୟଜ ଚୌହ୍ୱାନ, ଉତ୍କଳ ଆଲୁମିନା ୟୁନିଟ୍ ହେଡଙ୍କ ପତ୍ନୀ ପ୍ରଭାମୟୀ ମିଶ୍ର, କୁଚେଇପଦର ସରପଞ୍ଚ ବାଙ୍ଗାରି ଦିଶାରୀ, କମ୍ପାନୀର ସୁରକ୍ଷା ବିଭାଗ ମୁଖ୍ୟ କର୍ଣ୍ଣଲ ପ୍ରରମଜିତ୍ ବାଜୱା ପ୍ରମୁଖ ସ୍ୱେଛାକୃତ ଭାବେ ରକ୍ତଦାନ କରିଥିଲେ। ଏହି ରକ୍ତଦାନ ଶିବିରରେ ୫୮ ଜଣ ସ୍ୱେଛାକୃତ ଭାବେ ରକ୍ତଦାନ କରିଥିଲେ। ରାୟଗଡ଼ା ରକ୍ତ ଭଣ୍ଡାରର ଡାକ୍ତର ଗୌତମ ପଟ୍ଟନାୟକ, କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଜନ୍ମଞ୍ଜୟ ଦାସ ଓ ରାୟଗଡ଼ା ରକ୍ତ ଭଣ୍ଡାରର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ଏହି ରକ୍ତଦାନ ଶିବିରକୁ ଉତ୍କଳ ଆଲୁମିନା କମ୍ପାନୀର ସିଏସଆର ମୁଖ୍ୟ ଲୋପାମୁଦ୍ରା ମିଶ୍ର, କମ୍ପାନୀର ଲୋକ ସମ୍ପର୍କ ଅଧିକାରୀ ପିତାମ୍ବର ବେହେରା, କମ୍ପାନୀର ଉପସଭାପତି ଉତ୍ତମ ଗିରି, ସୁବାସ ଚନ୍ଦ୍ର ନାୟକ, ଗଜେନ୍ଦ୍ର ନାୟକ, କାର୍ତ୍ତିକ ସାହୁ, ସୌମ୍ୟ ସ୍ୱାଇଁ, ସତ୍ୟଭାମା ନାୟକ, ମୌସୁମୀ ଦାସ, ସୁସ୍ମିତା ଖୋସଲା ପ୍ରମୁଖ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ।

# ଶ୍ରୀରାମ କଲେଜର ୧୧ତମ ବାର୍ଷିକ ଉତ୍ସବ

ସୋର,(ପି.ଏନ): ଶୃଙ୍ଖଳିତ ଜୀବନ ଲକ୍ଷ୍ୟସ୍ଥଳରେ ପହଞ୍ଚିବ।ଜ୍ଞାନ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ସଂଯୋଗ ହେଲେ ଦେଶର ବିକାଶ ଧ୍ରୁବ୍ରୀ କରଣ ହେବ ବୋଲି ସୋର ଶ୍ରୀରାମ କଲେଜର ବାର୍ଷିକ ଉତ୍ସବ ଅତିଥିମାନେ ଯୋଗଦେଇ ମତ ବ୍ୟକ୍ତ କରିଥିଲେ। କଲେଜର ୧୧ତମ ବାର୍ଷିକ ଉତ୍ସବ ପାଳନ ଅବସରରେ ଆୟୋଜିତ ସଭାରେ ନିର୍ଦ୍ଦେଶକ ଇନ୍ଦ୍ରଜିତ କୁମାର ଦେ ସଭାପତିତ୍ୱ କରି ଶ୍ରୀରାମ କଲେଜକୁ ଜିଲ୍ଲାରେ ଅଗ୍ରଣୀ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିବାକୁ ନିଜର ଆପ୍ରାଣ ଉଦ୍ୟମ ଉପରେ ବକ୍ତବ୍ୟ ରଖିଥିଲେ। ସଭା ପ୍ରାରମ୍ଭରେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ବିୟୋଗରେ ଶୋକ ପ୍ରକାଶ କରାଯାଇ ନୀରବ ପ୍ରାର୍ଥନା କରଯାଇଥିଲା। କଲେଜର ପ୍ରତିଷ୍ଠାତା ରବୀନ୍ଦ୍ର କୁମାର ଦେ ନିଜ ଶିକ୍ଷକତା ଜୀବନର ସଂଘର୍ଷ ଓ କଲେଜ ପ୍ରତିଷ୍ଠା କରି ଶିକ୍ଷାକୁ ଗ୍ରାମାଞ୍ଚଳର ଛାତ୍ରଛାତ୍ରୀଙ୍କ ନିକଟରେ ପହଞ୍ଚାଇବା ଲକ୍ଷ ସଫଳତା ଉପରେ ବକ୍ତବ୍ୟ ରଖିଥିଲେ କ୍ଷ ମୁଖ୍ୟବକ୍ତା ଭାବେ ପ୍ରମେୟ ପାଣିକୋଇଲି ସଂସ୍କରଣର ମୁଖ୍ୟ ସତ୍ୟଶିବ ଦାସ ଯୋଗଦେଇ ଶିକ୍ଷା



ନୈତିକତା ଉପରେ ପର୍ଯ୍ୟବସିତ ଗୁରୁତ୍ୱପୂର୍ଣ୍ଣ ବିଭବ, ମାନବୀୟ ମୂଲ୍ୟବୋଧ ଆଦର୍ଶ ସଂପ୍ରିତି ଓ ନିଜକୁ ଗଢିବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ ବୋଲି ବାକ୍ତବ୍ୟରେ କହିଥିଲେ। ମୁଖ୍ୟଅତିଥି ଭାବେ ପୁରୀ ଶ୍ରୀ ଜଗନ୍ନାଥ ବିଶ୍ୱବିଦ୍ୟାଳୟ ଓ ତିରୁପତି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. ହରେକୃଷ୍ଣ ଶତପଥୀ ଯୋଗଦେଇ ପ୍ରତ୍ୟେକ ଓଡ଼ିଆର ଚିରନ୍ତନ ସାଥୀ ଆମକୁ ପଥ ପ୍ରଦର୍ଶନ କରୁଥିବା ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କ ନାମ ଉଚ୍ଚାରଣ କରି ସେ ପୁରୀରୁ ଆଣିଥିବା ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶିର୍ବାଦ ଛାତ୍ରଛାତ୍ରୀଙ୍କୁ ବାଣ୍ଟିଥିଲେ କ୍ଷ କବିବର ରାଧାନାଥ ରାୟଙ୍କ ସ୍ମୃତି ଚାରଣ କରି ଶିକ୍ଷାର ଗନ୍ତାଘର ବାଲେଶ୍ୱର ଜିଲ୍ଲାର ଉନ୍ନତ ଶିକ୍ଷା ଉପରେ ପ୍ରକାଶ କରିଥିଲେ କ୍ଷ ସେ ଉତ୍ତର ଓଡ଼ିଶାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଶ୍ରୀରାମ କଲେଜରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ ମାନେ ଶିକ୍ଷାକୁ ଆଗେଇ ନେବାକୁ ଉତ୍ସାହିତ କରିଥିଲେ।ଜ୍ଞାନ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ସଂଯୋଗ କରି ଦେଶର ବିକାଶ ଧ୍ରୁବ୍ରୀ କରିବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ କ୍ଷ ପୂର୍ବତନ ରାଷ୍ଟ୍ରପତି ଡ ଅବଦୁଲ କଲାମଙ୍କ ସ୍ମୃତି ଚାରଣ କରି ଭଲ ମଣିଷ ହେବାକୁ ମୁଖ୍ୟ ଅତିଥି ଡ ଶତପଥୀ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ କ୍ଷ ବରେଣ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ପର୍ଶୁରାମ ଧଡା ଯୋଗଦେଇ ଆମ ପ୍ରାଚୀନ ସଂସ୍କୃତି ବିଶ୍ୱ ଏକ ପରିବାର ବୋଲି ଘୋଷଣା କରିଛି। ଆମ ଉତ୍ତର ଦାୟାଦ ମାନେ ଏହି ମନ୍ତ୍ରରେ ଦୀକ୍ଷିତ ହେବା ଉଚିତ। ଛାତ୍ରଛାତ୍ରୀ ମାନେ ଅଧ୍ୟୟନ ସହିତ ଦେଶ, ଜାତି, ଭାଷା, ସାହିତ୍ୟ ସଂସ୍କୃତି ପ୍ରତି ଆଗ୍ରହ ପ୍ରକାଶ କଲେ ଆମ ସମାଜ ବ୍ୟବସ୍ଥାରେ ସୁଧାର ଆସିପାରେ। ଅଧ୍ୟୟନ କ୍ଷେତ୍ରରେ ଛାତ୍ରଛାତ୍ରୀ ଆଗେଇ ଗଲେ ଶିକ୍ଷକଙ୍କ ମନରେ ଆନନ୍ଦ ଭରିଦିଏ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ।ସମ୍ମାନିତ ଅତିଥିଭାବେ +୨ ଅଧକ୍ଷ ଅରୁଣ କୁମାର ମହାନ୍ତି ଓ +୩ ଅଧକ୍ଷ ଜନ୍ମଜୟ ମହାନ୍ତି ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ସ୍ୱାଗତ ଭାଷଣ ଅଧାପିକା ସୁପ୍ରଭା ପରିଡ଼ା ଦେଇଥିବା ବେଳେ ଅତିଥି ପରିଚୟ ଏବଂ ଧନ୍ୟବାଦ ପ୍ରଦାନ କରିଥିଲେ ବରିଷ୍ଠ ପ୍ରାଧାପକ ଡ଼. ରବୀନ୍ଦ୍ର ବିହାରୀ।ଶେଷରେ ଅନୁଷ୍ଠାନର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରଯାଇଥିଲା କ୍ଷ ସଭା ପ୍ରାରମ୍ଭରେ ଛାତ୍ରୀମାନେ ଆହେ ନୀଳଶୈଳ ସଙ୍ଗୀତରେ ଓଡଶି ନୃତ୍ୟ ପରିବେଷଣ କରିଥିଲେ କ୍ଷ ୨୦୨୪ରେ +୨ ବିଜ୍ଞାନରେ କଲେଜରୁ ୯୦ ପ୍ରତିଶତ ମାର୍କ ରଖି ସଫଳତା ପାଇଥିବା ସୁଲଗ୍ନା ମହାରଣା ଓ ନିଟ କୃତକାର୍ଯ୍ୟ ହୋଇ ଏମବିବିଏସ ଅଧ୍ୟୟନ କରୁଥିବା ଚିଣ୍ଟୁ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ଅଧାପକ ହୃଦାନନ୍ଦ ବିଶ୍ୱାଳଙ୍କୁଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ବନିତା ନାୟକ, ଗୋଲସନ ପଲେଇ, ପରନ୍ୟା ଦାସ, ନିରଞ୍ଜନ ନାୟକ, କାର୍ତ୍ତିକ ପଣ୍ଡା, ନୀଳାଦ୍ରି ପତି, ସୁବାଷ ଘଡେଇ, ରଞ୍ଜନ ମଲୁଆଳ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ।

# ସାମସଙ୍ଗ ପରବର୍ତ୍ତୀ ମୋବାଇଲ ଏଆଇ ଅଭିଜ୍ଞତାକୁ ନେଇ ଆସନ୍ତା ଜାନୁୟାରୀ ୨୨ରେ ଏକ ବିରାଟ ଲଞ୍ଚ ପ୍ରଦାନର ଘୋଷଣା କରିବାକୁ ଯାଉଛି

ଭୁବନେଶ୍ୱର,(ପି.ଏନ): ଏଆଇ ପାଇଁ ପ୍ରସ୍ତୁତ ରୁହନ୍ତୁ ଯାହା ଅଧିକ ପ୍ରାକୃତିକ ତଥା ଚ଼ମତ୍କାରୀ ଅଟେ। ଗାଲାକ୍ସି ଏଆଇର ପରବର୍ତ୍ତୀ କ୍ରମ ବିକାଶ ଯାହାକି ଦୈନନ୍ଦିନ ପୃଥିବୀରେ ଆପଣ କରୁଥିବା ଯୋଗାଯୋଗର ଧାରାକୁ ପରିବର୍ତ୍ତନ କରିବାକୁ ଯାଉଛି। ଗାଲାକ୍ସି ଏସ ଶୃଙ୍ଖଳ ପୂନର୍ବାର ଏହାର ମୋବାଇଲକୁ ବର୍ତ୍ତମାନ ତଥା ଭବିଷ୍ୟତ ପାଇଁ ଏଆଇ ଅନୁପ୍ରେରୀତ ଅଭିଜ୍ଞତାପୂର୍ଣ୍ଣ କରିବାକୁ ଯାଉଛି। ସାମସଙ୍ଗ ଇଲେକ୍‌ଟ୍ରୋନିକ୍ସ, ସାନ ଜୋସ ଠାରେ ଆସନ୍ତା ଜାନୁୟାରୀ ୨୨ ତାରିଖ ଦିନ ଏହି ନୂତନ ପ୍ୟାକର ଶୁଭାରମ୍ଭ କରିବାକୁ ଯାଉଛି। ଆସନ୍ତୁ ଆମ ସହିତ ସାମିଲ ହୁଅନ୍ତୁ, ଏଆଇ ପ୍ରିମିୟମ ଗାଲାକ୍ସିର ଅଭିନବୀକରଣୀୟ ମୋବାଇଲର ଅନାବରଣ ଅଧ୍ୟାୟରେ, ଯାହାକି ଆପଣଙ୍କ ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ ନୀରବଛିନ୍ନ ତଥା ଉପଯୋଗୀ ପ୍ରଦାନକାରୀ ହୋଇପାରିବ। ଏହି କାର୍ଯ୍ୟକ୍ରମର ସିଧାପ୍ରସାରଣ Samsung.com/in, ସାମସଙ୍ଗ ନ୍ୟୁଜରୁମ୍ ଇଣ୍ଡିଆ ତଥା ସାମସଙ୍ଗର ୟୁଟ୍ୟୁବ ନେଲ ମାଧ୍ୟମରେ ୧୧.୩୦ ପିଏମ ଆଇଏସଟିରେ ଆରମ୍ଭହେବ।

# କୁନି ଝିଅ କ୍ରିର୍ତ୍ତୀମୟୀଙ୍କ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ

ସୋର,(ପି.ଏନ): ସୋର ଜାତୀୟ ରାଜପଥ ନିକଟସ୍ଥ ଲକ୍ଷ୍ମୀନାରାୟଣ ପଥର ଖୋଦେଇ ସେବା ସମବାୟ କେନ୍ଦ୍ରର ପ୍ରସ୍ତର ଶିଳ୍ପୀ ଖଗପତି ସାମଲଙ୍କ ସାଢ଼େ ୩ ବର୍ଷର କୁନି ଝିଅ କ୍ରିର୍ତ୍ତୀମୟୀ ୧୨ ମିନିଟରେ ୨୫୦ ପ୍ରଶ୍ନର ସଠିକ୍ ଉତ୍ତର ଦେଇ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ଼ରେ ନାମ ସ୍ଥାନ ପାଇଛନ୍ତି। ଗତ ନଭେମ୍ବର ମାସ ୧୫ ତାରିଖରେ ହୋଇଥିବା ଆଭାସୀ ପ୍ରଶ୍ନବେଳେ କ୍ରିର୍ତ୍ତୀ ୧୨ ମିନିଟରେ ଶିବ ତାଣ୍ଡବ ସ୍ତୁତ୍ର, ହନୁମାନ ଚାଳିଶା, ବିଷ୍ଣୁ ସହସ୍ରନାମ, ୫ଟା ରାଇମସ, ୨୮ଟି ରାଜ୍ୟ, ୮ଟା କେନ୍ଦ୍ରଶାସିତ ଅଞ୍ଚଳ, ସାତ ଦିନ, ୧୨ ମାସ, ୧୧ଟା ଜାତୀୟ ଚିହ୍ନ, ୧୭ଟି ଫଳ, ୩୬ଟି ପଶୁ ୧୨ଟି ରଙ୍ଗ, ୧୦ଟି ଚଢ଼େଇ, ୧୦ଟି ଫୁଲ, ୨୦ ପ୍ରକାର ପନିପରିବା, ୨୬ ଅକ୍ଷର ଅନର୍ଗଳ ଭାବେ କହି ଏହି ରେକର୍ଡ଼ କରିବାର ଦକ୍ଷତା ଅର୍ଜନ କରିଛନ୍ତି। ତାଙ୍କୁ ଗତ ସପ୍ତାହରେ ସାର୍ଟିଫିକେଟ୍, ବହି, ପଦକ, ବେଚ୍, ପେନ୍ ଆଦି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ଼ ତରଫରୁ ପୁରସ୍କାର ସ୍ୱରୂପ ପ୍ରଦାନ କରାଯାଇଛି।




# ଅଗ୍ନିକାଣ୍ଡ ଘଟି ଦୁଇ ପରିବାରର ୪ବଖରା ଘର ପୋଡ଼ି ପାଉଁଶ, ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସହାୟତା

ଧାମନଗ.(ପି.ଏନ) : ଧାମନଗର ବ୍ଲକ ଅନ୍ତର୍ଗତ ହସନାବାଦ ପଞ୍ଚାୟତ ଅଧିନ ପଙ୍ଗଟା ବନବାଗ ଗ୍ରାମର ଶରତ ଚନ୍ଦ୍ର ଦାସ ଏବଂ ଆରତ ମୋହନ ଦାସଙ୍କ ନଡ଼ାଛପର ଘରେ ଆକସ୍ମିକ ଭାବେ ଗତ ଶୁକ୍ରବାର ସକାଳ ୭ଘଟିକା ସମୟରେ ନିଆଁ ଲାଗି ଘରର ସମସ୍ତ ଅସବାପତ୍ର ସହିତ ଧାନ ଚାଉଳ ଟଙ୍କା ପଇସା ସୁନା ରୂପା ସମେତ କଂସା ବାସନ ଏବଂ ଲୁଗା ପଟା ଇତ୍ୟାଦି ସବୁ କିଛି ଆଖି ପିଛୁଳକେ ତଥା ଧାମନଗର ରୁ ଦମକଳ ଆସି ଘଟଣା ସ୍ଥଳରେ ପହଞ୍ଚିବା ପୂର୍ବରୁ ସବୁ ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିର ପ୍ରକୋପ ଏତେ ତୀବ୍ରତା ଥିଲା ଯେ କଳସୀ ମାଠିଆରେ ପାଣି ଆଣି ଛାଟିବା ସମ୍ଭବପର ହୋଇ ନଥିଲା। କେବକ ସକାଳ ସମୟ ହୋଇଥିବାରୁ ପରିବାର ସଦସ୍ୟଙ୍କର ଜୀବନ ରକ୍ଷା ହୋଇ ପାରିଛି। ଏପରି ଦୁଃଖଦ ପୂର୍ଣ୍ଣ ଖବର ପାଇ ବିଭିନ୍ନ ରାଜନୈତିକ ଦଳର ନେତା ଅଗ୍ନି ବିପନ୍ନଙ୍କୁ ଭେଟି ସମବେଦନା ଜଣାଇଥିବା ବେଳେ ସୂର୍ଯ୍ୟମଣି ଇଛାମଣୀ ସେବା ନିକେତନର ସମ୍ପାଦକ ଆଇନଯିବୀ ଲକ୍ଷ୍ମୀ ନାରାୟଣ ମହାପାତ୍ର ସହ ଆଇନଯିବୀ ରମେଶ ଚନ୍ଦ୍ର ବେହେରା, ଦେବକୀ ମହାପାତ୍ର,ଶିକ୍ଷାବିତ ଚିତ୍ରଭାନୁ ଦାସ,ସାମାଜିକ କର୍ମୀ ମାନସ ରଞ୍ଜନ ସାହୁ ଏବଂ ରଜନୀ କାନ୍ତ ମିଶ୍ର ପ୍ରମୁଖ ଅଗ୍ନି



ବିପନ୍ନଙ୍କୁ ଭେଟି ସମବେଦନା ଜଣାଇବା ସହିତ ଶୁଖିଲା ଖାଦ୍ୟ ଯଥା ଚୁଡା ମୁଢ଼ି ବିସ୍କୁଟ,ଲୁଙ୍ଗି ଗାମୁଛା,ବାସନ କୁସନ ଓ ପଲିଥିନ ପ୍ରଦାନ କରିଛନ୍ତି। ଏହି ଦୁଇ ପରିବାରକୁ ଜିଲ୍ଲା ଓ ବ୍ଲକ ପ୍ରଶାସନ ତରଫରୁ ଯଥାଶୀଘ୍ର ବାସଗୃହ ସମେତ ପନ୍ଦର ଦିନ ପାଇଁ ରନ୍ଧାଖାଦ୍ୟ ଏବଂ ନିତ୍ୟବଶକ ସାମଗ୍ରୀ ଯୋଗାଇ ଦେବାକୁ ସଙ୍ଗଠନ ପକ୍ଷରୁ ଦାବି କରିଛନ୍ତି।

# ଓସଲାର ପ୍ରେସ ବିବୃତି ଉପରେ ୪୮୮ ସଂଘର ପ୍ରତିକ୍ରିୟା

ଭୁବନେଶ୍ୱର, (ପି.ଏନ): ନିଖିଳ ଓଡିଶା ଅନୁଦାନପ୍ରାପ୍ତ (୪୮୮ ବର୍ଗ) ଶିକ୍ଷକ ଓ କର୍ମଚାରୀ ସଂଘ ଚାକିରି ସର୍ତ୍ତାବଳୀ ଓ ପେନସନ ଦାବୀରେ ଗତ ଡିସେମ୍ବର ୨୬ ତାରିଖରେ ଭୁବନେଶ୍ୱର ଲୋୟର ପି.ଏମ୍.ଜିରେ ଆନ୍ଦୋଳନ କରିବାର ଅଳ୍ପ ଦିନ ମଧ୍ୟରେ ଝଝଇ ସଂଗଠନ ଓସଲା ତରଫରୁ ପ୍ରତିବାଦ କରାଯାଇଥିଲା। ଓସଲାର ଏହି ପ୍ରତିବାଦକୁ ୪୮୮ ସଂଗଠନ ତରଫରୁ ଏକ ପ୍ରେସ ବିବୃତିରେ ନିନ୍ଦା କରାଯିବା ସହିତ ସରକାରଙ୍କୁ ପୁନଃ ଚେତାବନୀ ଦିଆଯାଇଛି ଯେ, ପ୍ରତିଶୃତି ଅନୁଯାୟୀ ଖୁବ୍ ଶୀଘ୍ର ଝଝଇ ଓ ବ୍ଲକ୍ ଗ୍ରାଣ୍ଟ ଅଧ୍ୟାପକମାନଙ୍କ ମଧ୍ୟରେ ଥିବା ଚାକିରି ସର୍ତ୍ତାବଳୀ ସମ୍ବନ୍ଧୀୟ ତାରତମ୍ୟ ଦୁରକରି ଏହି ବର୍ଗର ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନଙ୍କୁ ଚାକିରି ସର୍ତ୍ତାବଳୀ ଦେବା ପାଇଁ ସରକାରୀ ବିଜ୍ଞପ୍ତି ପ୍ରକାଶ କରାନଗଲେ ସଂଘ ଯୁକ୍ତ ୨ ପରୀକ୍ଷା ଓ ମୂଲ୍ୟାୟନ ବର୍ଜନ କରିବା ସହିତ ପୁଣି ଆନ୍ଦୋଳନକୁ ଓହ୍ଲାଇବ। ବରିଷ୍ଠତାକୁ ଆଧାର କରି ମହାବିଦ୍ୟାଳୟ ମାନଙ୍କରେ ଲାଗିରହିଥିବା ଅନିଶ୍ଚିତତା କାରଣରୁ ଏମାନଙ୍କ ମଧ୍ୟରେ ତିକ୍ତତା ଓ ଶୀତଳ ଯୁଦ୍ଧ ବାତାବରଣ ହେବାସହ ଶୈକ୍ଷିକ ବାତାବରଣ ପ୍ରଭାବିତ ହେଉଛି। ସଂଘ ତରଫରୁ କୁହାଯାଇଛି ଯେ, ଉଭୟ ଝଝଇ ଓ ବ୍ଲକ୍ ଗ୍ରାଣ୍ଟ ଅଧ୍ୟାପକ ସମାନ ଆଇନ (୧୯୭୪ ମସିହା ଅଧିନିୟମ) ଅନୁଯାୟୀ ନିଯୁକ୍ତି ପାଇଛନ୍ତି ଓ ଉଭୟଙ୍କର ନିଯୁକ୍ତିଦାତା କଲେଜମାନଙ୍କର ପରିଚାଳନା କମିଟି ଅଟନ୍ତି। ଏହା ଛଡ଼ା ଝଝଇ ମାଧ୍ୟମରେ ଚୟନ ହୋଇଥିବା ଅଧ୍ୟାପକ ଆଜିଯାଏଁ ବ୍ଲକଗ୍ରାଣ୍ଟ ଅଧ୍ୟାପକଙ୍କ ଠାରୁ କନିଷ୍ଠ ଭାବେ କାର୍ଯ୍ୟ କରୁଛନ୍ତି, ସେଥିପାଇଁ ବ୍ଲକ୍ ଗ୍ରାଣ୍ଟ ଅଧ୍ୟାପକମାନେ ନିଜର ଚାକିରି ସର୍ତ୍ତାବଳୀ ପାଇଁ ଦାବି କରୁଛନ୍ତି ଫଳତଃ ସେମାନଙ୍କର ବରିଷ୍ଠତା ବଳବତ୍ତର ରହିବ ଓ କଲେଜମାନଙ୍କରେ ଶୈକ୍ଷିକ ବାତାବରଣ ସ୍ୱାଭାବିକ ରହିବ। ନିଜର ଚୟନ ପ୍ରକ୍ରିୟା ଏବଂ ଅନ୍ୟାନ୍ୟ ବିଷୟରେ ମତାମତ ଦେଇ ଝଝଇ ସଂଘର ସଦସ୍ୟମାନେ ସେମାନଙ୍କର ପିଲାଳିଆମି ଓ ଅପରିପକ୍ୱତାର ପରିଚୟ ଦେଉଛନ୍ତି। ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ମାନଙ୍କରେ ସମସ୍ତେ ଗୋଟିଏ ଆଇନ ଅନ୍ତର୍ଭୁକ୍ତ। ପୁନଶ୍ଚ, ଝଝଇ ଅଧ୍ୟାପକମାନେ ସେହି ସ୍ଥାନ ମାନଙ୍କରେ ନିଯୁକ୍ତି ପାଇଛନ୍ତି ଯେଉଁ ସ୍ଥାନ ପୁର୍ବରୁ ପରିଚାଳନା କମିଟି ଦ୍ୱାରା




ସୃଷ୍ଟି କରାଯାଇଥିଲା। ଏଣୁ, ଏହାର କୌଣସି ପ୍ରାସଙ୍ଗିକତା ନାହିଁ। ପୁଣି, ବରିଷ୍ଠ ଭାବେ କନିଷ୍ଠମାନଙ୍କ ଯୋଗ୍ୟତା ବିଷୟରେ ମନ୍ତବ୍ୟ ଦେବା ଅନୁଚିତ ହେବ ବୋଲି କହିବା ସହିତ ସେମାନେ ନିଜକୁ ବରିଷ୍ଠମାନଙ୍କ ସହିତ ତୁଳନା କରିବା ହାସ୍ୟାସ୍ପଦ ବୋଲି ସଂଘ ତରଫରୁ କୁହାଯାଇଛି। ସଂଗଠନ ନିଜର ଚାକିରି ସର୍ତ୍ତାବଳୀ ଓ ପେନସନ ପାଇଁ ସରକାରଙ୍କୁ ଦାବି କରୁଥିବା ବେଳେ ଅଯଥା ବିରୋଧୀ ମନ୍ତବ୍ୟ ଦେବାରୁ କ୍ଷାନ୍ତ ରହିବା ତଥା ବରିଷ୍ଠମାନଙ୍କୁ ସମ୍ମାନ ଦେଇ ମହାବିଦ୍ୟାଳୟମାନଙ୍କର ପରିସରକୁ ଶାନ୍ତ ରଖିବାକୁ ୪୮୮ ବର୍ଗ ସଂଗଠନ ତରଫରୁ ସେମାନଙ୍କୁ ପରାମର୍ଶ ଦିଆଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଦୀର୍ଘ ୨୫/୩୦ ବର୍ଷ ହେଲା ଅଧାପନା କରିଆସୁଥିବା ବ୍ଲକ ଗ୍ରାଣ୍ଟ ଅଧାପକମାନେ ଉଚ୍ଚ ମାଧମିକ ଶିକ୍ଷା ପରିଷଦ ଓ ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରକାଶିତ ହେଉଥିବା ବରିଷ୍ଠତା ଅନୁକ୍ରମ ତାଲିକାରେ ବରିଷ୍ଠ ଭାବେ ଅବସ୍ଥାପିତ ଅଟନ୍ତି। ତେଣୁ, ଏହି ମହାବିଦ୍ୟାଳୟ ମାନଙ୍କରେ ଥିବା ପ୍ରଚଳିତ ନିୟମାନୁଯାୟୀ ଉପଯୁକ୍ତ ପଦୋନ୍ନତି ଦେଇ ଏହି ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ମନ୍ତ୍ରୀ ଓ ପ୍ରଶାସନିକ ଅଧିକାରୀମାନଙ୍କୁ ସଂଘ ତରଫରୁ ଅନୁରୋଧ କରାଯାଇଛି।

# ବିଏନ୍ ଆର୍ ଫିଲ୍ମସ୍ ଓ ବଙ୍କିମ ପଟେଲ ମ୍ୟୁଜିକ୍ ର ଓଡ଼ିଶାର ପ୍ରଥମ ତ୍ରିଭାଷୀ ମ୍ୟୁଜିକ୍ ଭିଡିଓ ’ମନ ମାନସୀ’ ଅମରା ମୁଜିକ୍ ରେ ମୁକ୍ତିଲାଭ କରିଛି

ଭୁବନେଶ୍ୱର(ପି.ଏନ) : ଗତ ୫ ବର୍ଷ ମଧ୍ୟରେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଲେଖକ-ନିର୍ଦ୍ଦେଶକ ବିଶ୍ୱନାଥ ରଥ ଏବଂ ପୁରସ୍କାରପ୍ରାପ୍ତ ଗାୟକ-ସଙ୍ଗୀତକାର ବଙ୍କିମ ପଟେଲ ଏକାଧିକ ଭାଷାରେ ଅନେକ ମ୍ୟୁଜିକ୍ ଭିଡିଓ ପ୍ରୋଜେକ୍ଟକରିଛନ୍ତି। ଏଥି ମଧ୍ୟରୁ ’କହିଦେ ଥରେ’ (ସମ୍ବଲପୁରୀ), ’ବର୍ଷା ଭିଜା ରାତି’(ଓଡ଼ିଆ), ’ଇଣ୍ଡିଆ ଜିତେଗା’ (ହିନ୍ଦୀ), ’ଓହ ଭି କୟା ଦିନ ଥେୟାର (ହିନ୍ଦୀ) ଇତ୍ୟାଦି ଅନ୍ୟତମ । ଏହି ମ୍ୟୁଜିକ୍ ଭିଡିଓ/ଗୀତକୁ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ସର୍କିଟରେ ମୋଟ ୮୬ଟି ପୁରସ୍କାର ଏବଂ ପ୍ରଶଂସା ମିଳିଛି, ଯାହା ଓଡ଼ିଶା ତଥା ଭାରତର ସଙ୍ଗୀତ ଓ ସଂସ୍କୃତି ପାଇଁ ଗୌରବ ଆଣିଛି। ଆମେରିକା, ବ୍ରିଟେନ, କାନାଡା, ପୋଲାଣ୍ଡ, ରୁଷିଆ, କୁଏତ, ଚେକ୍ ରିପବ୍ଲିକ, ଅଷ୍ଟ୍ରେଲିଆ, ମିଆଁମାର ଇତ୍ୟାଦି ଦେଶରେ ଏହି ଭିଡିଓକୁ ପ୍ରଦର୍ଶିତ ଓ ପ୍ରଶଂସା କରାଯାଇଛି। ଲୋକପ୍ରିୟ ମ୍ୟୁଜିକ୍ ପ୍ଲାଟଫର୍ମ ’ଆମରମୁଜିକ୍ ଓଡିଆ’ରେ ତାଙ୍କର ୫ମ ରୋମାଣ୍ଟିକ୍ ମ୍ୟୁଜିକ୍ ଭିଡିଓ ’ମନ ମାନସୀ’ ଆଜି ମୁକ୍ତିଲାଭ କରିଛି। ମୁକ୍ତିଲାଭ କରିବା ପରେ ’ମନ ମାନସୀ’




ଓଡ଼ିଶାର ପ୍ରଥମ ତ୍ରିଭାଷୀ ମ୍ୟୁଜିକ୍ ଭିଡିଓ ହେବାର ଅନନ୍ୟ ମାଇଲଖୁଣ୍ଟ ହାସଲ କରିଛି, ଯାହା ଓଡ଼ିଆ, ହିନ୍ଦୀ ଓ ସମ୍ବଲପୁରୀ ଆଦି ତିନୋଟି ଭାଷାରେ ଏକକାଳୀନମୁକ୍ତିଲାଭ କରିଛି। ଓଡ଼ିଆ ସଂସ୍କରଣ ଆମରମୁଜିକ୍ ଓଡିଆରେ ମୁକ୍ତିଲାଭ କରିଥିବା ବେଳେ ହିନ୍ଦୀ ସଂସ୍କରଣ ’ତେରାରାଂଝନା’ ଓ ସମ୍ବଲପୁରୀ ସଂସ୍କରଣ ’ରସିଆ ପିଲା’ ଯଥାକ୍ରମେ ଆମରମୁଜିକ୍‌ଛତିଶଗଡ଼ ଓ ଓକେ ଓଡ଼ିଆମୁଜିକ୍ରେ ମୁକ୍ତିଲାଭ କରିଛି। ବିଏନ୍‌ଆର୍‌ଫିଲ୍ମସ୍ ଏବଂ ବଙ୍କିମ ପଟେଲ ମ୍ୟୁଜିକ୍ ’ମନ ମାନସୀ’,’ ତେରାରାଂଝନା’ଏବଂ ’ରସିଆ ପିଲା’ର ପ୍ରଯୋଜନା କରିଛନ୍ତି। ଯୁବ ଓ ପ୍ରତିଭାସମ୍ପନ୍ନ ଗାୟକ-ସଙ୍ଗୀତକାର ସଙ୍ଗୀତ ରଚନା କରିବା ସହ ଗୀତ ପରିବେଷଣ କରିଛନ୍ତି। ମଲ୍ଟିଆୱାର୍ଡ ବିଜେତା ଚଳଚ୍ଚିତ୍ର ନିର୍ମାତା ବିଶ୍ୱନାଥ ରଥ ଏହାର କନସେପ୍ଟ ଓ ଚିତ୍ରନାଟ୍ୟ ପ୍ରସ୍ତୁତ କରିଛନ୍ତି। ବିଶ୍ୱନାଥରଥ ଓ ବଙ୍କିମପଟେଲଉଭୟ ମ୍ୟୁଜିକ୍ ଭିଡିଓର ନିର୍ଦ୍ଦେଶନା ଦେଇଛନ୍ତି।

ସଙ୍ଗୀତନିର୍ଦ୍ଦେଶକ ବଙ୍କିମ ପଟେଲ (ବଙ୍କିମ ପଟେଲ ମ୍ୟୁଜିକ୍ ର ପ୍ରତିଷ୍ଠାତା) କହନ୍ତି, ‘ଗାୟକ-ସଙ୍ଗୀତକାର ଭାବେ ଏହି ମ୍ୟୁଜିକ୍ ଭିଡିଓ ରିଲିଜ୍ ହେବା ନିଶ୍ଚିତ ଭାବେ ମୋ ପାଇଁ ଏକ ସ୍ୱପ୍ନ ସାକାରର ମୁହୂର୍ତ୍ତ। ଓଡ଼ିଆ, ହିନ୍ଦୀ ଓ ସମ୍ବଲପୁରୀ ଭାଷାରେ ଓଡ଼ିଶାର ପ୍ରଥମ ତ୍ରିଭାଷୀ ଗୀତ ତିଆରି କରିବା ଗୌରବର ବିଷୟ। ଆମରମୁଜିକ୍ଟିମକୁ ଧନ୍ୟବାଦ, ୟୁଟ୍ୟୁବ ରିଲିଜ୍ ସହିତ ଏହି ଗୀତର ତିନୋଟି ସଂସ୍କରଣ ଗାନା, ଜିଓ ସାବନ, ହଙ୍ଗାମା, ସ୍ପଟିଫାଇ, ୱିଙ୍କ ମ୍ୟୁଜିକ୍, ଆପଲ୍ ମ୍ୟୁଜିକ୍ ଇତ୍ୟାଦି ସମସ୍ତ ପ୍ରମୁଖ ମ୍ୟୁଜିକ୍ ଷ୍ଟ୍ରିମିଂଆପ୍ ରେ ମୁକ୍ତିଲାଭ ହୋଇଛି ଏବଂ ଏହାର ପ୍ରତିକ୍ରିୟା କେବଳ ପ୍ରେରଣାଦାୟକ।

ଏହି ଅବସରରେ ମୁଖ୍ୟ ଅଭିନେତ୍ରୀ ଲିପସ୍ମିତା ପଟେଲ କହିଛନ୍ତି, ‘ଏଭଳି ଏକ ପ୍ରୋଜେକ୍ଟରେ ଅଂଶଗ୍ରହଣ କରିବା ବହୁତ ଭଲ ଅନୁଭୂତି ଥିଲା ଯେଉଁଠାରେ ଆମେ ଆମର ବିଷୟବସ୍ତୁକୁ ୩ଟି ବିଭିନ୍ନଭାଷାରେ ପ୍ରଦର୍ଶନ କରିପାରିଛୁ। ଏହି ଧାରଣା ବିଷୟରେ ବୁଝିବା ପାଇଁ ବିଶ୍ୱନାଥସାରଙ୍କବିଷୟରେ ବିଶେଷ ଉଲ୍ଲେଖ କରାଯାଇଛି । ସୁଟିଂଅଭିଜ୍ଞତା ମଧ ଚମତ୍କାର ଥିଲା । ଆମେ ଆଶା କରୁଛୁ ଯେ,ଏହି ଗୀତଗୁଡ଼ିକଓଡ଼ିଶା ତଥା ଓଡ଼ିଶା ବାହାରେ ଲୋକମାନେ ଭଲ ଭାବରେ ଗ୍ରହଣ କରିବେ । ଭବିଷ୍ୟତରେ ଏଭଳି ଆହୁରି ପ୍ରକଳ୍ପ ଓ ସହଯୋଗ ପାଇଁ ଆଶା ରଖିଛି। ଏହି ଅବସରରେନିର୍ଦ୍ଦେଶକ ବିଶ୍ୱନାଥ ରଥ (ବିଏନଆର ଫିଲ୍ମସର ପ୍ରତିଷ୍ଠାତା) କହନ୍ତି, ’ଆମର ନୂଆ ପରୀକ୍ଷଣକୁ ଦର୍ଶକଙ୍କ ପ୍ରତିକ୍ରିୟା ଜାଣିବା ପାଇଁ ଆମର ଟିମ୍ ବହୁତ ଉତ୍ସାହିତ। ଆମ ଯାତ୍ରାରେ ଏହା ନିଶ୍ଚିତ ଭାବେ ଏକ ସ୍ୱତନ୍ତ୍ର ମୁହୂର୍ତ୍ତ । ଆଶା କରୁଛୁ ଯେ, ଏହି ମ୍ୟୁଜିକ୍ ଭିଡିଓ କେବଳ ଓଡ଼ିଶାର ପ୍ରଥମ ତ୍ରିଭାଷୀ ଭିଡିଓ ଭାବେ ସ୍ମରଣୀୟ ହେବ ନାହିଁ, ବରଂ ଦର୍ଶକ ଓ ସମାଲୋଚକଙ୍କ ହୃଦୟକୁ ମଧ୍ୟ ସ୍ପର୍ଶ କରିବ।

# ତ୍ରିବେଣୀ ଆର୍ଥମୁଭର୍ସ ପ୍ରାଇଭେଟ ଲିମିଟେଡ଼ର ୩ହଜାରରୁ ଅଧିକ କର୍ମଚାରୀ ଷ୍ଟକ୍ ସହଭାଗିତା ଯୋଜନା (ESOP)ରେ ଅନ୍ତର୍ଭୁକ୍ତ ହେଲେ

ଚମ୍ପୁଆ - (ପି.ଏନ): କର୍ମଚାରୀଙ୍କ ମଧ୍ୟରେ ମାଲିକାନା ଏବଂ ଆତ୍ମୀୟ ଭାବନାକୁ ପ୍ରୋତ୍ସାହିତ କରିବା ପାଇଁ ଏକ ପଦକ୍ଷେପ ସ୍ୱରୂପ, ତ୍ରିବେଣୀ ଆର୍ଥମୁଭର୍ସ ତାହାର ସମସ୍ତ କର୍ମଚାରୀଙ୍କ ପାଇଁ କର୍ମଚାରୀ ଷ୍ଟକ୍ ସହଭାଗିତା ଯୋଜନା (ଋଝଡଚ) ଘୋଷଣା କରିଛି। ଆଜି ଓଡ଼ିଶାର କେନ୍ଦୁଝର ଜିଲ୍ଲା ଚମ୍ପୁଆ ଉପଖଣ୍ଡ ଗୁଆଲିରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ତ୍ରିବେଣୀ ଆର୍ଥମୁଭର୍ସର ନିର୍ଦ୍ଦେଶକ ଶ୍ରୀଯୁକ୍ତ ସୂର୍ଯ୍ୟନାରାୟଣ ପି. ଦ୍ୱାରା ଏହି ଋଝଡଚ ଯୋଜନା ଜାରି କରାଯାଇଛି। ଏହି ଅବସରରେ, ତ୍ରିବେଣୀ ଆର୍ଥମୁଭର୍ସର ନିର୍ଦ୍ଦେଶକ ଶ୍ରୀଯୁକ୍ତ ସୂର୍ଯ୍ୟନାରାୟଣ କହିଛନ୍ତି, ‘ତ୍ରିବେଣୀ ଏହାର ଅଭିବୃଦ୍ଧି ଯାତ୍ରାରେ ଏକ ଲମ୍ବା ପଥ ଅତିକ୍ରମ କରିଛି, ଯାହା କେବଳ ଆମର କର୍ମଚାରୀଙ୍କ କଠିନ ପରିଶ୍ରମ ଦ୍ୱାରା ସମ୍ଭବ ହୋଇଛି। ଆମେ ସର୍ବଦା ଆମର କର୍ମଚାରୀମାନଙ୍କୁ ପରିବାର ଭଳି ବିଚାର କରିଆସିଛୁ ଏବଂ ଏହି ଋଝଡଚ ଜାରି କରିବା ଦ୍ୱାରା ସେମାନଙ୍କ ମଧ୍ୟରେ ମାଲିକାନା ଭାବନା ସୃଷ୍ଟି କରିବାରେ ସାହାଯ୍ୟ କରିବ’। ଏକ ସ୍ୱଳ୍ପ ଆରମ୍ଭରୁ, ତ୍ରିବେଣୀ ଆର୍ଥମୁଭର୍ସ ବର୍ତ୍ତମାନ ଓଡ଼ିଶା, ଝାଡ଼ଖଣ୍ଡ, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ,




ତାମିଲନାଡ୍ରୁ, ମଧ୍ୟପ୍ରଦେଶ, କର୍ଣ୍ଣାଟକ, ଇଣ୍ଡୋନେସିଆ ଓ ଆଫ୍ରିକୀୟ ଦେଶଗୁଡ଼ିକରେ ବିସ୍ତାରିତ କରିଛି। ଭବିଷ୍ୟତରେ ପଶ୍ଚିମ ଦେଶଗୁଡ଼ିକରେ ମଧ ଏହାର କାର୍ଯ୍ୟକୁ ବିସ୍ତାର କରିବାକୁ ଯୋଜନା କରୁଛି। ଲଏଡ୍ସ ମେଟାଲ୍ସ ଆଣ୍ଡ ଏନର୍ଜି ଲିମିଟେଡ଼ ସହିତ ଏହାର ସାମ୍ପ୍ରତିକ ସହଭାଗୀତା ହେତୁ, ତ୍ରିବେଣୀ କେବଳ ଏହାର ଖଣି ଖନନ ବ୍ୟବସାୟ ବୃଦ୍ଧି କରୁନାହିଁ ବରଂ ଲଏଡ୍ସ ମେଟାଲ୍ସ ଆଣ୍ଡ ଏନର୍ଜି ଲିମିଟେଡ଼ ସହଭାଗୀତାର ଅଂଶ ଭାବରେ ଉଜଓ, ପେଲେଟ୍ ପ୍ରଡକ୍ସନ୍, ସ୍ଲରି ପାଇପ୍ ଲାଇନ୍, ପାୱାର ପ୍ଲାଣ୍ଟ ଏବଂ ଷ୍ଟିଲ୍ ଉତ୍ପାଦନରେ ମଧ ପ୍ରବେଶ କରୁଛି। ସାରା ଭାରତରେ ଏହାର ଲଜିଷ୍ଟିକ୍ ବ୍ୟବସାୟକୁ ମଧ୍ୟ ବିସ୍ତାର କରୁଛି। ତ୍ରିବେଣୀ ଆର୍ଥମୁଭର୍ସ ପ୍ରାଇଭେଟ୍ ଲିମିଟେଡ୍ ଏହାର ଗଉଡଙ୍ଗ ବ୍ୟବସାୟକୁ ଡିମର୍ଜ କରିବା ପ୍ରକ୍ରିୟା ଆରମ୍ଭ କରିଦେଇଅଛି । ତ୍ରିବେଣୀ ଆର୍ଥମୁଭର୍ସ ଏହାର କର୍ମଚାରୀମାନଙ୍କୁ ସେୟାର ଅଧିସୁଚନା ପତ୍ର ପ୍ରଦାନ କରିଛି ଏବଂ ଡିମର୍ଜ କମ୍ପାନୀ ଷ୍ଟକ୍ ଏକ୍ସଚେଞ୍ଜରେ ତାଲିକାଭୁକ୍ତ ହେବା ପରେ ଏହି ସେୟାରଗୁଡ଼ିକ ଶେଷରେ ବ୍ୟବସାୟଯୋଗ୍ୟ ହୋଇଯିବ। ଏହି ପଦକ୍ଷେପ କମ୍ପାନୀର କର୍ମଚାରୀମାନଙ୍କ ପ୍ରତି ପ୍ରତିବଦ୍ଧତାର ପ୍ରମାଣ। ଏହା କେବଳ କମ୍ପାନୀ ପାଇଁ ଏକ ଉନ୍ନତ ଭବିଷ୍ୟତ ସୃଷ୍ଟି କରିବା ବିଷୟରେ ନୁହେଁ, ବରଂ ପ୍ରତ୍ୟେକ କର୍ମଚାରୀ, ଯେଉଁମାନେ ଏହାକୁ ସମ୍ଭବ କରିଛନ୍ତି ସେମାନଙ୍କ ଭବିଷ୍ୟତକୁ ଉଜ୍ଜ୍ୱଳମୟ କରିବାରେ ସହାୟ ହେବ । ସେୟାର ବିତରଣ, କମ୍ପାନୀର ସଫଳତାରେ ପ୍ରତ୍ୟେକ କର୍ମଚାରୀଙ୍କ ମାଲିକାନାକୁ ପ୍ରତୀକ କରେ ।




# ସଂରକ୍ଷିତ ଜଙ୍ଗଲରୁ ଟ୍ରାକ୍ଟର ଜବତ୍ କରି ବନବିଭାଗ ଛାଡିଦେଲା

କେନ୍ଦୁଝର(ପିଏନ)- କେନ୍ଦୁଝର ସଦର ରେଞ୍ଜ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ଅନ୍ତର୍ଗତ ଭାଲଘର ନାଳରୁ ବେଆଇନଭାବେ ବାଲି ଲୋଡ କରୁଥିବା ଏକ ଟ୍ରାକ୍ଟରକୁ ବନ ବିଭାଗ ଜବତ୍ କରି ପରେ ଛାଡି ଦେବା ଚର୍ଚ୍ଚାର ବିଷୟ ହୋଇଛି। ଟାଉନ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ସଂରକ୍ଷିତ ଜଙ୍ଗଲ ଭିତରେ ଥିବା ଭାଲୁଘର ନାଳରୁ ଗୁରୁବାର ଅପରାହ୍ଣରେ ବାଲି ଚୋରୀ ହେଉଥିବା ଖବର ପାଇ ସଦର ରେଞ୍ଜର ଅରବିନ୍ଦ ନାୟକ,ଟାଉନ ଫରେଷ୍ଟର ଭୂପତି ସେଠୀ,ବେଲଦା ଫରେଷ୍ଟ ଗାର୍ଡ ମିତ୍ରଭାନୁ ନାୟକ ଅନ୍ୟ ବନ କର୍ମଚାରୀଙ୍କ ସହ ଘଟଣାସ୍ଥଳକୁ ଯାଇ ବାଲି ବୋଝେଇ ଟ୍ରାକ୍ଟର ଗାଡି ଜବତ୍ କରିଥିଲେ। ପରେ ଜବତ୍ ଟ୍ରାକ୍ଟରକୁ ନରଣପୁର ଫରେଷ୍ଟ ଡିପୋରେ ରଖାଯାଇଥିଲା। ତେବେ ଶନିବାର ଦିନ ଭୋର ସମୟରେ ବନ କର୍ମଚାରୀ ଏବଂ ମାଫିଆ ମଧ୍ୟରେ ମୂଲଚାଲ ହେବା ପରେ ଉକ୍ତ ଗାଡିକୁ ଛାଡି ଦିଆଯାଇଥିବା ଅଭିଯୋଗ ହୋଇଛି। ନରଣପୁର ଫରେଷ୍ଟ ଡିପୋ ଭିତରେ ଥିବା ଟ୍ରାକ୍ଟର ଜବତ୍ ସମୟରେ ରେଜିଷ୍ଟ୍ରର ରେ ଲେଖା ଯାଇନଥିବାବେଳେ ସିଜର ଲିଷ୍ଟ କରାଯାଇନାହିଁ। ତେବେ ବିନା ଜିମାନାମରେ ଗାଡି କିପରି ଛଡା କିପରି ଛଡାଗଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଏସିଏଫ ଘନଶ୍ୟାମ ମହାନ୍ତଙ୍କ ସହ ଯୋଗଯୋଗ କରିବାରୁ ଗାଡି ଜବତ୍ ସମୟରେ ମୋତେ ଅବଗତ କରିନଥିବା କହିଛନ୍ତି। ଡିଏଫଓ ସ୍ୱୟମ ମଲ୍ଲିକଙ୍କ ସହ ଯୋଗାଯୋଗ କରିବାରୁ ଘଟଣାର ତଦନ୍ତ ପରେ ପଦକ୍ଷେପ ନିଆଯିବ। ସଦର ରେଞ୍ଜର ଅରବିନ୍ଦ ନାୟକଙ୍କ ସହ ଯୋଗଯୋଗ କରିବାରୁ ଜବତ୍ ଗାଡିର କାଗଜପତ୍ର ଯାଂଚ ପରେ ଛାଡି ଦିଆଯାଇଥିବା ପ୍ରକାଶ କରିଛନ୍ତି। ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ଏବଂ ମଇଦାନକେଲ,ରଘୁନାଥପୁର ଏବଂ ନରଣପୁର ସଂରକ୍ଷିତ ଜଙ୍ଗଲରୁ ଲଘୁ ଖଣିଜ ସମ୍ପଦ ଅବାଧରେ ଚୋରୀ ହେଉଥିଲେ ହେଁ ବନ ବିଭାଗ ଜାଣି ଚୁପ ରହୁଥିବା ଅଭିଯୋଗ ହୋଇଛି। ସଂରକ୍ଷିତ ଜଙ୍ଗଲ ଭିତରେ ରାସ୍ତା କରି ମାଫିଆମାନେ ଜଙ୍ଗଲ ଧ୍ୱଂସ କରି ବାଲି,ପଥର,ମୋରମ ଚୋରୀ କରୁଥିବାବେଳେ ବନ ବିଭାଗ ନୀରବଦ୍ରଷ୍ଟା ରହୁଛି। ଏପରିକି ଉପରସ୍ଥ ଅଧିକାରୀ ନିୟମିତ ସଂରକ୍ଷିତ ଜଙ୍ଗଲ ପରିଦର୍ଶନରେ ଯାଉନଥିବାରୁ ଏହାର ସୁଯୋଗରେ ତଳତଳିଆ କର୍ମଚାରୀ ମାଫିଆଙ୍କ ସଲାସୁତୁରାରେ ଲଘୁ ଖଣିଜ ସମ୍ପଦ ଲୁଟ କାର୍ଯ୍ୟକୁ ପ୍ରୋତ୍ସାହନ କରୁଛନ୍ତି।

# ଭଦ୍ରକ ବାଣିଜ୍ୟ ସ୍ନାତକ-୧୯୮୭ର ବନ୍ଧୁ ମିଳନ

ଭୁବନେଶ୍ୱର,(ପି.ଏନ): ରବିବାର ଦିନ ପ୍ରତାପ ନଗରୀସ୍ଥିତ ମାଆ ଧାକୁଲେଇ ପୀଠ ଠାରେ ଭଦ୍ରକ ବାଣିଜ୍ୟ ସ୍ନାତକ-୧୯୮୭ର ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସମଗ୍ର ବିଶ୍ୱର କଲ୍ୟାଣ ନିମନ୍ତେ, ସାମୁହିକ ଦୀପ ପ୍ରଜ୍ୱଳନ ସହ ଉକ୍ତ ଉତ୍ସବ ଆରମ୍ଭ ହୋଇଥିଲା ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ହାସଲ କରିଥିବା ପିଲା ମାନଙ୍କର ପିତା, ମାତାଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା। ଶ୍ରୀ ପ୍ରଦୀପ କୁମାର ରାଉତଙ୍କ ବଳିଷ୍ଠ ସଂଯୋଜନାରେ ଅନୁଷ୍ଠିତ ସଭାକୁ ପରିଚାଳନା କରିଥିଲେ ଶ୍ରୀ ଗୌର ଚନ୍ଦ୍ର ମହାନ୍ତି। ଭଦ୍ରକ କଲେଜର ଛାତ୍ର ସଂସଦର ପୂର୍ବତନ ସଭାପତି ଶ୍ରୀ ବିକାଶ କୁମାର ସାମଲ ଓ ସମ୍ପାଦକ ଶ୍ରୀ ସୁରେଶ କୁମାର ସାମଲ ତାଙ୍କ ଅଭିଭାଷଣରେ ଏହି ସଂଗଠନ କେମିତି ଆହୁରି ସଂଗଠିତ ଓ ମଜଭୁତ ହେବ ବୁଝାଇ ଥିଲେ। ନୂଆ ଭାବେ ଯୋଗ ଦେଇଥିଲେ ବନ୍ଧୁ ମାନେ ନିଜର ପରିଚୟ ପ୍ରଦାନ କରିଥିଲେ।



ଏହି ବନ୍ଧୁମିଳନରେ ଷାଠିଏରୁ ଉର୍ଦ୍ଧ୍ୱ ବନ୍ଧୁ ମାନେ ଯୋଗ ଦେଇଥିଲେ। ଯୋଗଦେଇଥବା ବନ୍ଧୁମାନେ ହେଲେ, ପ୍ରଦୀପ କୁମାର ରାଉତ, ରବୀନ୍ଦ୍ର ନାଥ ଶତପଥୀ, ନିତ୍ୟାନନ୍ଦ ଗାହାଣ, ଗୌର ଚନ୍ଦ୍ର ମହାନ୍ତି, ସୁଶାନ୍ତ କୁମାର ନାୟକ, ଶୁକଦେବ ନାୟକ, ବିଶ୍ୱନାଥ ଜେନା, ପ୍ରହଲ୍ଲାଦ ଦୀକ୍ଷିତ, ସୁରେଶ ଅଗ୍ରୱାଲ, ସନ୍ଦୀପ କୁମାର ଘୋଷ, ଅଜୟ କୁମାର ମଲ୍ଲିକ, ସଞ୍ଜୟ କୁମାର ରାଉଳ, ସଞ୍ଜୟ କୁମାର ଜେନା, ଶଙ୍କର୍ଷଣ ମହାପାତ୍ର, ନକୁଳ କୁମାର ବେହେରା, କୃଷ୍ଣ ଚନ୍ଦ୍ର ଦାସ, ବସନ୍ତ କୁମାର ପାଣି, ଲୋକନାଥ ଦାସ, ପ୍ରଶାନ୍ତ କୁମାର ମିଶ୍ର, ପ୍ରଶାନ୍ତ କୁମାର ଜେନା, ପ୍ରିୟବ୍ରତ ଦେବତା, ଦେବାନନ୍ଦ ପାଣି, ବିଭୁତି ଭୂଷଣ ସ୍ୱାଇଁ, ସରୋଜ କୁମାର ଜେନା, ପର୍ଶୁରାମ ପ୍ରଧାନ, ଅରୁଣ କୁମାର ଜେନା, ପ୍ରଭାତ ମହାନ୍ତି, ଅକ୍ଷୟ କୁମାର ପାଣିଗ୍ରାହୀ, ଅରୁଣ କୁମାର ବିଶ୍ୱାଳ ଓ ସଂଜୀତ କୁମାର ବଳ। ସଞ୍ଜୟ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ମଧ୍ୟାହ୍ନ ଭୋଜନ ସମସ୍ତଙ୍କୁ ଆନନ୍ଦିତ କରିଥିଲା। ପରିଶେଷରେ ଗୌର ଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଖଣିରେ ସ୍ଥାନୀୟ ନିଯୁକ୍ତି ନେଇ ଶ୍ରମିକଙ୍କ ଧାରଣା





ଯୋଡା,(ପିଏନ)- କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଅନ୍ତର୍ଗତ ବଳଦା ଗ୍ରାମପଞ୍ଚାୟତର ସିଲ୍‌ଯୋଡା ସ୍ଥିତ କାସଭି ଇନ୍‌ଟରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ ଖଣିରେ ବିଭିନ୍ନ ଦାବି କରି ଗ୍ରାମବାସୀ ମାନେ ମଙ୍ଗଳବାର ପୂର୍ବାହ୍ନରେ ଖଣି ଲିଜ ପରିସରରେ ଧାରଣା ଦେଇଥିବା ଜଣାପଡିଛି । ବିର୍ସାମୁଣ୍ଡା ଲେବର କନ୍‌ଟ୍ରାକ୍ଟ ଓ ଆଦିବାସୀ କଲ୍ୟାଣ ସମିତି ପକ୍ଷରୁ ଏହି ଧାରଣା ଦିଆଯାଇଥିବା ଖବର ମିଳିଛି । ପ୍ରଶାସନକୁ ଜଣାଇ କୋଭିଡ୍ ନିୟମକୁ ପାଳନ କରି ଖଣି ପ୍ରଭାବିତ ସିଲଯୋଡା, ଗୁରୁଡା, ତାଟପାଣି ପ୍ରଭୃତି ଗ୍ରାମର ଗ୍ରାମବାସୀ ମାନେ ବିଭିନ୍ନ ଦାବି କରି କାସଭି ଖଣି ପରିସରରେ ଧାରଣାରେ ବସିଛନ୍ତି । ପୂର୍ବରୁ ଏହି ଖଣିଟି ମାଙ୍ଗିଲାଲ ରୁଙ୍ଗଟାର ସିଲିଯୋଡା କାଳିମାଟି ଅଧୀନରେ ଥିଲା । ନିଲାମ ପ୍ରକ୍ରିୟାରେ ଅଧିକ ମୂଲ୍ୟ ଦେଇ କାସଭି ଇନଟରନ୍ୟାସନାଲ ପ୍ରାଇଭେଟ ଲିମିଟେଡ ଖଣି ହାତେଇବା ପରେ ପୂର୍ବରୁ ଖଣିରେ କାର୍ଯ୍ୟ କରୁଥିବା ଶ୍ରମିକ ମାନଙ୍କୁ ଓ ଅନ୍ୟାନ୍ୟ ଅଧିକାରୀ ମାନଙ୍କୁ ପୁନଃ ନିଯୁକ୍ତି ଦିଆଯାଇନଥିବାରୁ ଗ୍ରାମବାସୀ ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଯୋଗ୍ୟତା ଥାଇ ମଧ ସ୍ଥାନୀୟ ଲୋକଙ୍କୁ ସାମାନ୍ୟ ସୁରକ୍ଷା କର୍ମୀ ଚାକିରୀ ମଧ ଦିଆଯାଉନାହିଁ । ଏହି ଖଣିରେ ନିଯୁକ୍ତିକୁ କେନ୍ଦ୍ର କରି ଗତ ସେପ୍ଟେମ୍ବର ମାସ ୨୫ ତାରିଖରେ ଏକ ହିଂସାତ୍ମକ ଆକ୍ରମଣ ଘଟଣା ଘଟିଥିଲା । ଖଣିର ଖଣି ସପକ୍ଷ ବାଦୀ ମାନେ ଏହି ଆକ୍ରମଣ ଭିଆଇଥିବା ଗ୍ରାମବାସୀ ସୁଶାନ୍ତ ଖିଲାର, ସୁବିଦାର ଗାଗରାଇ, ଯୋସେ' ବେଙ୍ଗରା, ବିକାଶ ମହାକୁଡ ପ୍ରମୁଖ ଅଭିଯୋଗ କରିଛନ୍ତି । ସ୍ଥାନୀୟ ମହିଳା ମିନା କୁମାରୀ ସିଂ, ମୁସକୁନି ସଏ, ସରସ୍ୱତୀ ପିଙ୍ଗୁଆ, ସୁମିତ୍ରା ଗଇପାଇ, ସଙ୍ଗିତା ପିଙ୍ଗୁଆ, ଚାମାନୁ ଲାକ୍ରା, ଡାଲିମ୍ବ ଗାଗରାଇ, ରିଙ୍ଗି ହେମ୍ବ୍ରମ ପ୍ରମୁଖ ଲୁହ ଓ କୋହଭରା କଣ୍ଠରେ କହିଛନ୍ତି ଯେ ଦୀର୍ଘ ୬ ରୁ ୭ ମାସ ହେଲାଣି ଖଣିରେ ନିଯୁକ୍ତି ନପାଇ ଭୋକ ଉପାସରେ ଦିନ କାଟୁଛନ୍ତି । ସ୍ଥାନୀୟ କାସଭି ଖଣି କମ୍ପାନୀ ଶ୍ରମିକ ମାନଙ୍କୁ ପୁନଃ ନିଯୁକ୍ତି ଦେଉନଥିବାରୁ ବେରୋଜଗାର ନିରାଶ ହୋଇ ଘରେ ରହିଛନ୍ତି । ଖଣିରେ କାର୍ଯ୍ୟ କରି ଜିବୀକା ନିର୍ବାହ କରୁଥିବାରୁ ବର୍ତ୍ତମାନ କାର୍ଯ୍ୟହରା ହୋଇ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା କହିଛନ୍ତି । ଗ୍ରାମର ନରେନ୍ଦ୍ର କୁମାର ପାତ୍ର ତାଙ୍କ ଅଭିଯୋଗରେ କହିଛନ୍ତି ଯେ, ସିଲଯୋଡା-କାଳିମାଟି ମାଙ୍ଗାନିଜ୍ ଆଇରନ୍ ମାଇନ୍ସ ଦୁଇଟି ଗ୍ରାମପଞ୍ଚାୟତ ନାମରେ ହୋଇଅଛି । ହେଲେ ଏହି ଦୁଇଟି ପଞ୍ଚାୟତ ବାସୀଙ୍କୁ କୌଣସି ସୁବିଧା ସୁଯୋଗ ମିଳିପାରୁନାହିଁ । ଆଦିବାସୀ କଲ୍ୟାଣ ସମିତିର ସଭାପତି ବିଦ୍ୟାସାଗର ରଣା, ସମ୍ପାଦକ ଭିମ ପିଙ୍ଗୁଆ କହିଛନ୍ତି ଯେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଠାରେ ଏ ସଂକ୍ରାନ୍ତରେ ଅଭିଯୋଗ କରାଯାଇଛି । ଜଙ୍ଗଲ ନେଲ, ଜମି ନେଲ, ପାଣି ନେଲ, ଆଦିବାସୀଙ୍କର ମୌଳିକ ସୁବିଧାରୁ କାସଭି ଖଣି କମ୍ପାନି ବଞ୍ଚିତ କଲ ଯଦି ଦମ୍ ନାହିଁ ତେବେ ସରକାରଙ୍କ ଠାରୁ ଖଣି ନେଲ କାହିଁକି ବୋଲି ଆଦିବାସୀ ନେତା ସେଲେଇ ତିରିଆ ପ୍ରକାଶ କରିଥିଲେ । ସେଠାରେ ଉପସ୍ଥିତ ଥିବା ଆଦିବାସୀ ଶ୍ରମିକ ନେତା ମାନେ କହିଥିଲେ ଯେ ଦାବି ପୂରଣ ନହେଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଜାରି ରହିବ ।

# ପାରାଦୀପ ବନ୍ଦର ପକ୍ଷରୁ ମିଳିତ ମେଗା ମକ୍ ଡ୍ରିଲ୍

ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ମଙ୍ଗଳବାର ଦିନ ମିଳିତ ମେଗା ମକ୍ ଡ୍ରିଲ୍ ଆୟୋଜିତ ହୋଇଯାଇଛି । ପାରାଦୀପ ବନ୍ଦର ସିଆଇଏସଏଫ୍ ପକ୍ଷରୁ ପାରାଦୀପ ମୁଖ୍ୟ ଅଗ୍ନି ନିର୍ବାପନ କେନ୍ଦ୍ରଠାରେ ଆୟୋଜିତ ମକ୍ ଡ୍ରିଲ୍‌ରେ ପାରାଦୀପ ବନ୍ଦର ସମେତ ଜିଲ୍ଲା ପ୍ରଶାସନ, ଏନଡିଆରଏଫ୍ ମୁଣ୍ଡୁଳିର ଅଧିକାରୀ ଓ କର୍ମଚାରୀମାନେ ସାମିଲ ହୋଇଥିଲେ । ଏହି ମକ୍ ଡ୍ରିଲ୍ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ୍.ହରନାଦ, ସମ୍ମାନୀତ ଅତିଥି ଭାବେ ଉପାଧକ୍ଷ ନିଲଭ୍ର ଦାସଗୁପ୍ତା ଏହି ସାଇଟ୍ ଲେଭଲ-୩ରେ ଯୋଗ ଦେଇଥିଲେ । ମେରାଇନ୍ ସାଇଟ୍ ଅଫିସ୍‌ରେ ଏକ ଭଙ୍ଗା ଗୃହ ମଧ୍ୟରୁ ବାତ୍ୟାରେ ଫସି ରହିଥିବା ବ୍ୟକ୍ତିଙ୍କୁ କିପରି ଉଦ୍ଧାର କରାଯାଇ ପାରିବ ତାହାର ନମୁନା ପ୍ରଦର୍ଶିତ ହୋଇଥିଲା । ଏହା ପରେ ରୋଷେଇ ଗ୍ୟାସ ଦୁର୍ଘଟଣାରୁ କିପରି ପ୍ରଶମନ କରାଯାଇ ପାରିବ ସେ ସମ୍ପର୍କରେ ମକ୍ ଡ୍ରିଲ୍ ପ୍ରଦର୍ଶନ କରାଯାଇଥିଲା । ପାରାଦୀପ ବନ୍ଦର ସମେତ ସହଯୋଗୀ ସଂସ୍ଥାର ଅଗ୍ନି ନିର୍ବାପନ କେନ୍ଦ୍ରର କର୍ମଚାରୀମାନେ ଏହି ମକ୍ ଡ୍ରିଲ୍‌ରେ ସାମିଲ ହୋଇଥିଲେ । ଏନଡିଆରଏଫ୍ ୩ୟ ବାଟାଲିୟାନ ମୁଣ୍ଡୁଳିର ଆସିଷ୍ଟାଣ୍ଡ କମାଣ୍ଡର ଗୌରବ ଜଗନାନୀ ମଲ୍ ଡ୍ରିଲ୍ ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ । ଶେଷରେ ବନ୍ଦର ଅଧକ୍ଷ ଶ୍ରୀ ହରନାଦ ସମସ୍ତ ସହଯୋଗୀ ସଂସ୍ଥାମାନଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ଅଜଣା ଗାଡି ଧକ୍କାରେ ଜଣେ ମୃତ, ୨ ଗୁରୁତର

ହରିଚନ୍ଦନପୁର(ପିଏନ)- ହରିଚନ୍ଦନପୁର ଥାନା ଅନ୍ତର୍ଗତ ଖଡିବାହାଳି ଛକ ନିକଟରେ ଏକ ଅଜଣା ଗାଡି ଧକ୍କାରେ ଜଣେ ମୃତ ହୋଇଥିବା ବେଳେ ୨ଜଣ ଗୁରୁତର ଆହତ ହୋଇଛନ୍ତି ଏବଂ ଜଣେ ସାମାନ୍ୟ ଆହତ ହୋଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ଯାଜପୁର ଜିଲ୍ଲା କାଳିଆପାଣି ଗ୍ରାମର ସୁଦର୍ଶନ ମହାକୁଡ(୩୮) ସ୍ତ୍ରୀ ଓ ୨ପିଲାଙ୍କ ସହ ମୟୁରଭଞ୍ଜ ଜିଲ୍ଲା ଶ୍ୱଶୁର ଘରକୁ ବୁଲିବାକୁ ଆସିଥିଲେ । ଆଜି ନିଜ ଗ୍ରାମ କାଳିଆପାଣିକୁ ଫେରୁଥିବା ବେଳେ ହରିଚନ୍ଦନପୁର ଥାନା ଖଡିବାହାଳି ଛକ ନିକଟରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା । ଫଳରେ ସୁଦର୍ଶନ ମହାକୁଡଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା । ସ୍ତ୍ରୀ ରାଇମଣି ମହାକୁଡ (୩୬), ସାନପୁଅ ଚିନ୍ମୟ (୬) ଗୁରୁତର ଆହତ ହୋଇଥିବା ବେଳେ ବଡପୁଅ ରାହୁଲ (୮) ସାମାନ୍ୟ ଆହତ ହୋଇଥିବା ଜଣାପଡିଛି । ଆହତ ମାନଙ୍କୁ ଆମ୍ବୁଲାନ୍ସ ଯୋଗେ ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା

# ଦରଡିପାଳରେ ଶତାୟୁ ମହିଳାଙ୍କ ପରଲୋକ

ଘଷିପୁରା(ପିଏନ)- ଘଷିପୁରା ବ୍ଲକ ଦରଡିପାଳ ଗ୍ରାମରେ ସ୍ୱର୍ଗତ ନରସିହଂ ନାୟକଙ୍କ ଧର୍ମପତ୍ନୀ କ୍ଷେତ୍ରମଣୀ ନାୟକଙ୍କ ଆଜି ୧୦୫ ବର୍ଷ ବୟସରେ ପରଲୋକ ହୋଇଯାଇଛି । ତାଙ୍କର ମୃତ୍ୟୁ ଶଯ୍ୟା ନିକଟରେ ଦୁଇପୁଅ ଆନନ୍ଦ ଚନ୍ଦ୍ର ନାୟକ ଅବସରପ୍ରାପ୍ତ କୃଷି ପରିଦର୍ଶକ ଏବଂ ଦିବାକର ନାୟକ ଅବସରପ୍ରାପ୍ତ ବ୍ୟାଙ୍କ୍ ମ୍ୟାନେଜରଙ୍କ ସହିତ ସମସ୍ତ ନାତି ନାତୁଣୀ, ଅଣନାତି, ଅଣନାତୁଣୀ ଏବଂ ସାହିପଡିଶା ଉପସ୍ଥିତ ଥିବା ସହ ତାଙ୍କର ଶବ ସତ୍କାର କରାଯାଇଥିଲା । ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ ।

# ମଧୁଶାସନ ଗ୍ରାମର ଶ୍ରୀଦଧିବାବନଜୀଉଙ୍କ ସ୍ଥାବର,ଅସ୍ଥାବର ସମ୍ପତ୍ତି ହଡପ ଓ ଅର୍ଥ ଆତ୍ମସାତ ଅଭିଯୋଗ

କେନ୍ଦ୍ରାପଡା, (ପିଏନ)- ଜିଲ୍ଲାର ପାଟକୁରା ଥାନା ଅନ୍ତର୍ଗତ ମଧୁଶାସନ ଗ୍ରାମର ଅଧିଷ୍ଠାତା ଶ୍ରୀ ଦଧିବାବନଜୀଉଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ହଡପ କରାଯିବା ସହ ଅର୍ଥ ଆତ୍ମସାତ କରାଯାଇଥିବା ମଧୁଶାସନ ଗ୍ରାମପଂଚାୟତର ଅଧିବାସୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଅଭିଯୋଗରୁ ପ୍ରକାଶ ଯେ ମଧୁଶାସନ ଗ୍ରାମର ଦୁର୍ଗା ପ୍ରସାଦ ଦାସ ନାମକ ଜନୈକ ବ୍ୟକ୍ତି ଚଂଚକତା କରି ଦେବୋତ୍ତର ବିଭାଗର କେତେକ ଅସାଧୁ କର୍ମଚାରୀଙ୍କୁ ହାତକରି ମଧୁଶାସନ ଗ୍ରାମର ଆରାଧ୍ୟ ଦେବତା ଶ୍ରୀ ଦଧିବାବନଜୀଉଙ୍କ ମନ୍ଦିର ପରିଚାଳନା ପାଇଁ ଏକ ଟ୍ରଷ୍ଟବୋର୍ଡ ଗଠନ କରି ନିଜେ ସେହି ବୋର୍ଡର ସଭାପତି ଭାବେ ପ୍ରାୟ ବର୍ଷକରୁ ଉର୍ଦ୍ଧ୍ୱ ହେବ ରହିଛନ୍ତି । ସେ ଶ୍ରୀଜୀଉଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ନିଜେ ଓ ନିଜର କିଛି ଅନ୍ଧ ସମର୍ଥକଙ୍କ ସହାୟତାରେ ହଡପ କରିବା ସହିତ ଶ୍ରୀଜୀଉଙ୍କ ଅର୍ଥ ଆତ୍ମସାତ କରୁଥିବା ଅଭିଯୋଗ ହୋଇଛି । ଶ୍ରୀଜୀଉଙ୍କ ପାଇଁ ବିଭିନ୍ନ ସମୟରେ ଦାତାମାନେ ଦାନ କରୁଥିବା ଅର୍ଥକୁ ମଧ୍ୟ ଆତ୍ମସାତ କରାଯାଉଥିବା ଅଭିଯୋଗ ହୋଇଛି । ଏପରିକି ଶ୍ରୀଜୀଉଙ୍କ ନାମରେ ଥିବା ସମ୍ପତି ମଧୁଶାସନ ମୌଜାର ଖାତା ନମ୍ବର - ୪୨୨,ପ୍ଲଟ ନମ୍ବର ୩୫୮୩ ଉପରେ ଥିବା ମୂଲ୍ୟବାନ ଶାଗୁଆନ ଗଛ ୩ଟିକୁ ରାତାରାତି କାଟି ବିକ୍ରୀ କରିବା ସହ ଖାତା ନମ୍ବର ୧୨୯୯,ପ୍ଲଟ ନମ୍ବର ୫୩୧୫ ଓ ୫୩୧୬/୫୫୯୨ ଉପରୁ ବହୁ ଦିନର ମୂଲ୍ୟବାନ ୧୦ଟି ତାଳଗଛକୁ କାଟି ବିକ୍ରୀ କରିଦେଇଥିବା ଅଭିଯୋଗ ହୋଇଛି । ସେହି ଗଛ ସବୁର ମୂଲ୍ୟ ଆନୁମାନିକ ପ୍ରାୟ ଏକଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ । ଅଭିଯୋଗକାରୀମାନେ ଏସମ୍ପର୍କରେ ଟ୍ରଷ୍ଟର ସଭାପତି ଶ୍ରୀ ଦାସଙ୍କୁ ପଚାରିବାରେ ଶ୍ରୀ ଦାସ ସେମାନଙ୍କୁ ଗୁଣ୍ଡା ଲଗାଇ ଧମକଚମକ ଦେବା ସହ ଜୀବନରୁ ମାରିଦେବାକୁ ଧମକପୂର୍ଣ୍ଣ ବାଣୀ ଶୁଣାଇଥିବା ଅଭିଯୋଗ ହୋଇଛି । ଏଥିସହିତ କେତେକ ଉଚ୍ଚପଦସ୍ଥ ସରକାରୀ ଅଧିକାରୀଙ୍କୁ ମିଛ କହି ଅଭିଯୋଗକାରୀମାନଙ୍କ ନାମରେ ଥାନାରେ ମିଥ୍ୟା ମାମଲା କରିବା ସହ ବିଭିନ୍ନ ମିଥ୍ୟା କେଶକରି ନାନା ପ୍ରକାର ଅସୁବିଧାରେ ପକାଉଥିବା ମଧ୍ୟ ଅଭିଯୋଗ ହୋଇଛି । ସେହି ଟ୍ରଷ୍ଟବୋର୍ଡରେ ଗରଦପୁର ତହସିଲଦାର ଓ ପାଟକୁରା ଥାନାର ଭାରପ୍ରାପ୍ତ ଇନିସପେକ୍ଟରଙ୍କୁ ସଦସ୍ୟ ଭାବରେ ରଖାଯାଇଥିବା ବେଳେ ଅଭିଯୋଗକାରୀଙ୍କ ପରିବାରର ୨/୩ଜଣଙ୍କ ନାମରେ ମିଥ୍ୟା ମାମଲା କରାଯାଉଥିବା ସହ ସେହି ପରିବାରର ମହିଳାମାନଙ୍କ ପ୍ରତି ଅସଦାଚରଣ କରିବାକୁ ମଧ୍ୟ ଟ୍ରଷ୍ଟର ସଭାପତି ପଛାଉନଥିବା ଅଭିଯୋଗ ହୋଇଛି । ସଂପୃକ୍ତ ସଭାପତି ଭୂବନେଶ୍ୱରରେ ରହୁଥିବା ବେଳେ ଗ୍ରାମର ଅଧିକାଂଶ ଲୋକଙ୍କୁ ବିଭିନ୍ନ ମାଲିମକଦ୍ଦମାରେ ଛନ୍ଦି ହଇରାଣ କରିବା ସହ ଶ୍ରୀଜୀଉଙ୍କ ସମ୍ପତ୍ତି କୁ ହଡପ କରିବା ଓ ଅର୍ଥକୁ ଆତ୍ମସାତ କରୁଥିବା ଯୋଗୁଁ ଶ୍ରୀଜୀଉଙ୍କ ଦୈନନ୍ଦିନ ନୀତିକାନ୍ତିରେ ଘୋର ବାଧା ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି । ଏସମ୍ପର୍କରେ ବିଧିବଦ୍ଧ ତଦନ୍ତ କରାଯାଇ ଦୋଷୀ ବିରୋଧରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଅସିତ କୁମାର ମହାନ୍ତି, ତାରକେଶ୍ୱର ତ୍ରିପାଠୀ,ପ୍ରମୋଦ କୁମାର ସାହୁ,ଚିତରଞ୍ଜନ ବାରିକ,ନିରଞ୍ଜନ ପଣ୍ଡା,ଭବାନିଶ ପଣ୍ଡା ପ୍ରମୁଖ ଅଭିଯୋଗକାରୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ।

# ଭୂମିହୀନଙ୍କୁ ଜାଗା ପ୍ରମାଣ ପତ୍ର ପ୍ରଦାନ



ଯୋଡା,(ପିଏନ)- କେନ୍ଦୁଝର ଜିଲ୍ଲା ଯୋଡା ପୌରପାଳିକାରେ ଜାଗାମିଶନ ଯୋଜନାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମଙ୍ଗଳବାର ପୂର୍ବାହ୍ନରେ ଓଡିଶା ସରକାରଙ୍କ ଜାଗା ମିଶନ୍ ଯୋଜନା ଶ୍ରେଣୀରେ ଅନ୍ତର୍ଭୁକ୍ତ ହିତାଧିକାରୀ ମାନଙ୍କୁ ଏହି ଅବସରରେ ଜମି ପ୍ରମାଣପତ୍ର ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ ଯୋଗ ଦେଇଥିବା ବେଳେ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଟ୍ଟଯୋଶୀ, ଯୋଡା ବିକାଶ ପରିଷଦର ସଭାପତି ନିରଞ୍ଜନ ବହିଦାର, ପୂର୍ବତନ ଉପ-ନଗରପାଳ ସୁରେନ୍ଦ୍ରନାଥ ଜେନା ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଯୋଡା ପୌରପାଳିକାର ୧୪ଟି ୱାର୍ଡରେ ସମୁଦାୟ ୬୨୧୬ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି । ମଙ୍ଗଳବାର ଦିନ ତନ୍ମଧ୍ୟରୁ ବନେଇକଳା ଠାରେ ୧୭୫ ଜଣଙ୍କୁ ଭୂମିହୀନଙ୍କୁ ଜାଗା ପ୍ରମାଣପତ୍ର ପ୍ରଦାନ କରାଯାଇଥିବା ନିର୍ବାହୀ ଅଧିକାରୀ ଶ୍ରୀ ପାଟ୍ଟଯୋଶୀ ସୂଚନା ଦେଇଛନ୍ତି । ଏହି ଜମି ଗୁଡିକ ୩୨୩ ବର୍ଗ'ଫୁଟରୁ ସର୍ବାଧିକ ୪୮୦ ବର୍ଗଫୁଟ ମଧ୍ୟରେ ଯୋଗାଇ ଦିଆଯିବ । ପରେ ଜାଗା ପ୍ରମାଣ ପତ୍ର ଦେବା ପରେ ଭୂମି ଅଧିକାର ପତ୍ର ଓ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧମୁକ୍ତ ଋଣ ଯୋଗାଇ ଦେବାର ସରକାରୀ ଯୋଜନା ରହିଥିବା ନିର୍ବାହୀ ଅଧିକାରୀ ପ୍ରକାଶ କରିଥିଲେ ।

# ଡମ୍ଫର ମାଲିକଙ୍କ ଧାରଣା : ଉପଯୁକ୍ତ ସମାଧାନ ନକରିଲେ ଆଗାମୀ ଦିନରେ ବିକଳ୍ପ ପନ୍ଥାର ଚେତାବନୀ

ଯୋଡା,(ପିଏନ)-କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଅଧୀନ ହେଁସାବେଡା ସ୍ଥିତ କାସଭି ଇଣ୍ଟରନେସନାଲ ପ୍ରାଇଭେଟ ଲିମିଟେଡ ଖଣି କମ୍ପାନୀ ଟ୍ରକ ମାଲିକ ସଂଘର ଦାବିକୁ ଉପେକ୍ଷା କରି ନିଜର ଖଣିକାର୍ଯ୍ୟ ଜାରି ରଖିଛି । ଖଣି ଲିଜ୍ ପରିସରରେ କାର୍ଯ୍ୟହରା ଡମ୍ଫର ମାଲିକ ମାନେ ଖଣିର ପରିବହନ କାର୍ଯ୍ୟରେ ଡମ୍ଫର ନିୟୋଜିତ କରିବା ଦାବିରେ ଦୀର୍ଘ ୫ ଦିନ ଧରି ଧାରଣାରେ ବସିଥିଲେ ହେଁ ଖଣି କର୍ତ୍ତୃପକ୍ଷନଦେଖିଲା ଭଳି ଉପେକ୍ଷା କରିଚାଲିଛି । ନୂତନ ଲିଜ ପାଇଥିବା କାସଭି ଇଣ୍ଟରନେସନାଲ ପ୍ରାଇଭେଟ ଲିମିଟେଡ ନିଜର ଖଣିଜ ପରିବହନ ପାଇଁ ବାହାର ଅଞ୍ଚଳର ଭାରୀଯାନ ଆଣି ପରିବହନ କରୁଥିବା ବେଳେ ସ୍ଥାନୀୟ ସଂଘର ଡମ୍ଫରଙ୍କୁ ପରିବହନ କାର୍ଯ୍ୟ ଦେଉନାହିଁ । ଏନେଇ ସଂଘ ପକ୍ଷରୁ ଖଣି କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଲିଖିତ ଭାବରେ ଦୃଷ୍ଟି ଆକର୍ଷଣ କରି କୌଣସି ସୁଫଳ ନପାଇବାରୁ ଗତ ୫ ତାରିଖରୁ ଧାରଣା ଆରମ୍ଭ କରିଥିଲେ । ଦୀର୍ଘ ୨୫ ବର୍ଷରୁ ଉର୍ଦ୍ଧ୍ୱ ହେବ ଏହି ସଂଘ ସ୍ଥାନୀୟ ଖଣି ପ୍ରଭାବିତ ଅଞ୍ଚଳର ଡମ୍ଫର ମାଲିକ ମାନଙ୍କୁ ନେଇ କାର୍ଯ୍ୟ କରି ଆସୁଅଛି



। ପୂର୍ବରୁ କାର୍ଯ୍ୟ କରୁଥିବା ଖଣି ଲିଜଧାରୀ ମାନେ ନିଜର ପରିବହନ କାର୍ଯ୍ୟ ପାଇଁ ସଂଘରୁ ଡମ୍ଫର ନେଇ ପରିବହନ କରୁଥିଲେ । ଯାହାଫଳରେ ପରୋକ୍ଷ ଏବଂ ପ୍ରତ୍ୟେକ୍ଷ ଭାବରେ ହଜାର ହଜାର ଲୋକ ଜିବୀକା ନିର୍ବାହ କରି ପାରୁଥିଲେ । ଉକ୍ତ ଖଣିର ପୂର୍ବ ଲିଜଧାରୀ ପଟ୍ଟନାୟକ ମିନେରାଲସ ପ୍ରାଇଭେଟ ଲିମିଟେଡ ଖଣିଜ ପରିବହନରେ ସ୍ଥାନୀୟ ସଂଘର ଡମ୍ଫରକୁ ପରିବହନରେ ନିୟୋଜିତ କରୁଥିଲେ । ମାତ୍ର ବର୍ତ୍ତମାନ ନୂତନଲିଜଧାରୀ କାସଭି ଖଣି ସଂଘକୁ ହେୟଜ୍ଞାନ କରି ବାହାର ଅଞ୍ଚଳର ଶତାଧିକ ଭାରୀଯାନ ଆଣି ପରିବହନ କାର୍ଯ୍ୟ କରୁଛି । ଯାହାଫଳରେ ଅଞ୍ଚଳର ଖଣି ପ୍ରଭାବିତ ଗାଡି ମାଲିକ ମାନେ ଜିବୀକା ହରାଇ ହତାଶ ହୋଇପଡିଛନ୍ତି ବୋଲି ମାଇନିଂ ଏରିଆ ଟ୍ରକ ଓନର ଆସୋସିଏସନର ସଭାପତି ଚତୁର୍ଭୁଜ ପଲେଇ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି । ବାରମ୍ବାର ଖଣି କର୍ତ୍ତୃପକ୍ଷଙ୍କୁ ଜଣାଇବା ସତ୍ତ୍ୱେ ମଧ କେହି କର୍ଣ୍ଣପାତ କରୁନାହାଁନ୍ତି । ଡମ୍ଫର ମାଲିକ ମାନେ କାର୍ଯ୍ୟ ନପାଇ ବସି ରହିଛନ୍ତି । ସେମାନଙ୍କର ପରିବାର ପ୍ରତିପୋଷଣ କରିବା ମଧ କଷ୍ଟସାଧ ହେଲାଣି । କରୋନା ମହାମାରୀ ପରିସ୍ଥିତିରେ କୌଣସି କାର୍ଯ୍ୟ ନପାଇ ଡମ୍ଫରରେ କାର୍ଯ୍ୟ କରୁଥିବା ଡ୍ରାଇଭର,ହେଲପର ଓ ସେମାନଙ୍କର ପରିବାର ବର୍ତ୍ତମାନ ଆର୍ଥିକ ସଂକଟରେ ଶିକାର ହେଲେଣି । ପରିବହନ କାର୍ଯ୍ୟ ହେତୁ ଅଞ୍ଚଳରେ ପ୍ରତ୍ୟେକ୍ଷ ଏବଂ ପରୋକ୍ଷରେ ନିର୍ଭରଶୀଳ ଥିବା ପ୍ରାୟ ଶତକଡା ୮୦ ପ୍ରତିଶତ ଲୋକ ପ୍ରଭାବିତ ହେଲେଣି । କୋଭିଡ-୧୯ ଗାଇଡ ଲାଇନ ରହିଥିବା ସତ୍ତ୍ୱେ ମଧ ଗାଡି ମାଲିକମାନେ ଏହି ନିୟମକୁ ପାଳନ କରି ଧାରଣାରେ ବସିଛନ୍ତି । ହେଲେ ଖଣି କର୍ତ୍ତୃପକ୍ଷ ୫ଦିନ ବିତିଯାଇଥିଲେ ହେଁ ଦାବି ପୂରଣ ନେଇ କୌଣସି ଆଲୋଚନା କରିବାକୁ ଆସିନଥିବା ବୋଲି ମାଟୋଆ ସମ୍ପାଦକ ସତ୍ୟପ୍ରିୟ ବାରିକ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି । ଯଦି ଖଣି କର୍ତ୍ତୃପକ୍ଷ ଏହାର ଉପଯୁକ୍ତ ସମାଧାନ ନକରନ୍ତି ତାହା ହେଲେ ଆଗାମୀ ଦିନରେ ବିକଳ୍ପପନ୍ଥା ଗ୍ରହଣ କରିବାକୁ ବାଧ ହେବୁ ବୋଲି ପ୍ରେସ ବିବୃତ୍ତିରେ ଜଣାଇଛନ୍ତି । ତେଣେ କାସଭି ଖଣିର ଜନୈକ ବରିଷ୍ଠ ଅଧିକାରୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ କାସଭି ଖଣି ନିକଟସ୍ଥ ଜୁରୁଡି ଠାରେ ଥିବା ଜୁରୁଡି ଟ୍ରକ ମାଲିକ ମାନଙ୍କ ସହ ସେମାନେ ଆଲୋଚନା କରି ହାଇୱା ଟ୍ରକ ମାଧମରେ ଖଣିଜ ପରିବହନ କାର୍ଯ୍ୟ କରୁଛନ୍ତି । ଏନେଇ ଯୋଡା ଠାରେ ଥିବା ମାଇନିଂ ଏରିଆ ଟ୍ରକ ଓନର ଆସୋସିଏସନ ସହ କୌଣସି ଆଲୋଚନା କରିବା ଆବଶ୍ୟକତା ନାହିଁ ବୋଲି ସେ କହିଥିଲେ ।




# ବନାଞ୍ଚଳ ସ୍ତରୀୟ ଜଙ୍ଗଲ ନିଆଁ ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ



ଭୁବନେଶ୍ୱର,(ପି.ଏନ): ରାୟଗଡା ବନାଞ୍ଚଳ ତରଫରୁ ବନାଞ୍ଚଳ ସ୍ତରୀୟ ଜଙ୍ଗଲ ନିଆଁ ନିବାରଣ ସଚେତନତା ଓ ଜଙ୍ଗଲ ନିଆଁ ନିର୍ବାପକ ଦଳ ଙ୍କୁ ତାଲିମ ଉପଲକ୍ଷେ ରାୟଗଡା ର ରୟତ କୋଲୋନୀ ନିକଟସ୍ଥ ଫୋରେଷ୍ଟ ପାର୍କ ଏକ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯକ୍ରମ ରେ ଶ୍ରୀମତୀ ସରସ୍ୱତୀ ମାଝୀ , ଜିଲ୍ଲା ପରିଷଦ ସଭାପତି , ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ । ଏହା ସହ, ଶ୍ରୀମତୀ ଟୁନି ହୁଇକା , ରାୟଗଡା ପଞ୍ଚାୟତ ସମିତି ଚେୟାରମେନ, ଶ୍ରୀମତୀ ସନ୍ଧ୍ୟା ପୁଲାକା , ଜିଲ୍ଲା ପରିଷଦ ସଭ୍ୟ , ଶ୍ରୀ ରମେଶ ବେହେରା , ଜିଲ୍ଲା ନିଆଁ ନିର୍ବାପକ ଅଫିସର , ଶ୍ରୀ ଗୌରାଙ୍ଗ ଚ଼ରଣ ରାଉତ , ଜିଲ୍ଲା ବନ୍ୟପ୍ରାଣୀ ରକ୍ଷକ , ଶ୍ରୀ ସତିଶ ଧାରୁଆ , ଉପ ବନ ସଂରକ୍ଷକ ଙ୍କ ସହ ରାୟଗଡା ବ୍ଲକ ଓ କୋଲନର ବ୍ଲକ ର ୪୦ ପଞ୍ଚାୟତ ର ୨୦ ଜଣ ସରପଞ୍ଚ ଭାଗ ନେଇଥିଲେ । ମୁଖ୍ୟ ଅତିଥି ତଥା ଅନ୍ୟ ଅତିଥି ମାନେ ନିଜ ବାର୍ତ୍ତା ରେ ଆଗାମୀ ଗ୍ରୀଷ୍ମ ଋତୁ ରେ ଜଙ୍ଗଲ ନିଆଁ କୁ କିପରି ନିୟନ୍ତ୍ରଣ ଓ ନିବାରଣ କରିବା ଓ ଜଙ୍ଗଲ ରେ କିପରି ନିଆଁ ନ ଲାଗିବ ସେ ଉପରେ ପ୍ରୟାସ ଓ ସେଥିରେ ବନ ବିଭାଗ କୁ ସହଯୋଗ କରିବାକୁ ଅନୁରୋଧ କରିଥିଲେ । ଏହା ସହ ଜଙ୍ଗଲ ନିଆଁ ଦ୍ୱାରା ଜଙ୍ଗଲ ର କ୍ଷତି ଓ ତା ଦ୍ୱାରା ମାନବ ସମାଜ ଉପରେ କି ପ୍ରକାର କୁପ୍ରଭାବ ପଡ ? ସେ ଉପରେ ଆଲୋଚ଼ନା କରାଯାଇଥିଲା ଓ ଆଗାମୀ ଦିନ ମାନଙ୍କରେ ଜଙ୍ଗଲ ନିଆଁ କିପରି ସମ୍ପୂର୍ଣ ବନ୍ଦ କରାଯାଇ ପାରିବ ସେ ବିଷୟରେ ଉପସ୍ଥିତ ସରପଞ୍ଚ ମାନଙ୍କୁ ନିଜ ନିଜ ପଞ୍ଚାୟତ ର ଲୋକ ମାନଙ୍କୁ କିପରି ମାର୍ଗଦର୍ଶନ କରିବେ ସେ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି କାର୍ଯକ୍ରମ ଟି ରାୟଗଡା ବନାଞ୍ଚଳ ଅଧିକାରୀ ଶ୍ରୀ କମେଶ୍ୱର ଆଚ଼ାରୀ , ଗୁମ୍ମା ବନପାଳ ଶ୍ରୀ ଉମ୍ବରୁଧର ନାୟକ, ରାୟଗଡା ବନପାଳ ଶ୍ରୀ ସନ୍ତୋଷ କୁମାର ପାଣିଗ୍ରାହୀ, କୁମତାଲପେଟା ବନପାଳ ଶ୍ରୀ ପ୍ରଦ୍ୟୁମ୍ନ କୁମାର ବେହେରା , ବନପାଳ ଶ୍ରୀମତୀ ପଦ୍ମାବତୀ ପାଢି ଏବଂ ବନପାଳ ଶ୍ରୀ ରବି ଚ଼ନ୍ଦ୍ର ପାତ୍ର, ଶ୍ରୀ ସମୀର କୁମାର ସାହୁ, ଶ୍ରୀମତୀ ଶକୁନ୍ତଳା କୋଣ୍ଡାଗୋରୀ , ଶ୍ରୀ ବି ଭାସ୍କର , ଶ୍ରୀ ପ୍ରସାଦ ବେହେରା , ଶ୍ରୀ ପ୍ରଦୀପ ସାହୁ , ଶ୍ରୀମତୀ ରାମେଶ୍ୱରୀ ସାହୁ , ଶ୍ରୀମତୀ ନିରୁପମ ମହାପାତ୍ର , ଶ୍ରୀମତୀ ପ୍ରିୟଙ୍କା ବେହେରା ଙ୍କ ଦ୍ୱାରା ସୁ ପରିଚ଼ାଳନା କରାଯାଇଥିଲା ।

# ବାଂଶପାଣି ରେଳସାଇଡିଂରେ ୨ ଗୋଷ୍ଠୀ ସଂଘର୍ଷ ଘଟଣାରେ ମାଷ୍ଟର ମାଇଣ୍ଡ ଫେରାର ଡାମେଜ କଣ୍ଟ୍ରୋଲ ପାଇଁ କଲେଜ ର ଭଣଜାକୁ ଗିରଫ କଲା ପୋଲିସ

ଯୋଡ଼ା(ପିଏନ)-କେନ୍ଦୁଝର ଜିଲ୍ଲା ଯୋଡା ଥାନା ଅନ୍ତର୍ଗତ ବାଂଶପାଣି ରେଳ ସାଇଡିଂ ଠାରେ ଗତ ସେପ୍ଟେମ୍ବର ମାସ ୧୨ ତାରିଖ ଦିନ ଲୁହା ପଥର ପରିବହନକୁ ନେଇ ଘଟିଯାଇଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ଅଭିଯୁକ୍ତଙ୍କୁ ଆମିର ହୁସେନକୁ (୩୦) ଯୋଡା ଥାନା ପୋଲିସ ସୋମବାର ମଧ ରାତ୍ରୀରେ ଗିରଫ କରି କେଶ ନଂ ୧୩୦/୨୦୨୦ ଦଫା ୧୪୭/୧୪୮/୪୫୨/୩୨୩/୩୨୫/୪୩୬/୪୨୭/୩୦୭/୫୦୬/୧୪୭ ଆଇପିସି ଧାରରେ ମାମଲା ରଜୁ କରି ମଙ୍ଗଳବାର କୋର୍ଟ ଚାଲାଣ କରିଥିବା ଖବର ହସ୍ତଗତ ହୋଇଛି । ସ୍ଥାନୀୟ ଅଧୀବାସୀଙ୍କ ଠାରୁ ପ୍ରକାଶ ଯେ ଆମିର ହୁସେନର ମାମୁଁ ଏମଡି ଫିରୋଜ ଅହମ୍ମଦ ଓରଫ କଲେଜ ସିଧାସଳଖ ଭାବେ ଏହି ଘଟଣାରେ ଗଣ୍ଡଗୋଳ ଏବଂ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଥିଲେ ମଧ ଯୋଡା ଥାନା ପୋଲିସ କଲେଜଙ୍କ ଉପରେ ଅହେତୁକ ଅନୁକମ୍ପା ଦେଖାଉଥିବା ମନେ ହୁଏ । ଏକଦା ତତ୍କାଳୀନ ବଡବିଲ ଏସଡିପିଓ ରାଜେଶ ପଣ୍ଡିତଙ୍କର ଅତ୍ୟନ୍ତ ଅନୁମତ ଭାବେ ପ୍ରଚାର କରି ନିଜ ଇଛା ମୁତାବକ ବିଭିନ୍ନ ଖଣି ସଂସ୍ଥାରୁ କାର୍ଯ୍ୟ ନେବା ଏବଂ ସ୍ଥାନୀୟ ଅ ଳର ଜନସାଧାରଣ ନାମରେ ପୋଲିସକୁ ମିଥ୍ୟା ତଥ୍ୟ ଯୋଗାଇ ପୋଲିସର ଇନ୍‌ଫର୍ମ ସାଜି କଲେଜ କୋଟି କୋଟି ଟଙ୍କା ମୁନଫା କରିଥିବା ସାଧାରଣରେ ଚର୍ଚ୍ଚା ହୁଏ । ପିଲେଟ ଚୋରି ଠାରୁ ଆରମ୍ଭ କରି ବାଂଶପାଣି ୟୁନାଇଟେଡ୍ କ୍ରସର ଘଟଣା ରେ ଗିରଫ କରାଇବା ସହିତ ମୁକେଶ ସିଂଙ୍ଘାନିଆ ଙ୍କୁ ଗିରଫ ଘଟଣାକୁ ଅନୁଧ୍ୟାନ କଲେ ଜଣାଯାଏ ଯେ କଲେଜ ନିଜ ସ୍ୱାର୍ଥ ସାଧାରଣ ନିମନ୍ତେ ପୋଲିସକୁ ହାତ ବାରିସ କରି ବ୍ୟବହାର କରୁଥିଲା । ପୋଲିସର ଧମକ ଚମକ ଦେଇ କାମ ହାତଇବା ସହିତ ଯେ କେହିବି ତାଙ୍କ ସ୍ୱାର୍ଥ ରେ ବାଧା ସୃଷ୍ଟି କରୁଥିଲେ ତାଙ୍କୁ ଜେଣେ ତେଣେ ପ୍ରକାରଣେ ପୋଲିସ ସହାୟତା ନେଇ ଗିରଫ କରାଇ ଯୋଡା ଅ ଳରେ ଭୟର ବାତାବରଣ ସୃଷ୍ଟି କରୁଥିଲେ । ଘଟଣା ଦିନ ବାଂଶପାଣି ସାଇଡିଂରେ ବିବାଦର ସୂତ୍ରପାତ୍ର ଏବଂ ଆକ୍ରମଣର ମାଷ୍ଟର ମାଇଣ୍ଡ କଲେଜ ଥିବା ନେଇ ଫିରୋଜ ମହମ୍ମଦ ଓରଫ କଲେଜ ଥିବା ନେଇ ଯଥେଷ୍ଟ ପ୍ରମାଣ ମିଳୁଥିଲେ ମଧ ଯୋଡା ଥାନା ପୋଲିସ ଏଯାବତ କଲେଜକୁ କାହିଁକି ଗିରଫ କରିନାହିଁ ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । କଲେଜ ର ଭଣଜା କୁ ଗିରଫ କରିଥିବା ବେଳେ ମାଷ୍ଟର ମାଇଣ୍ଡ କଲେଜ ଫେରାର ଥିବା ପୋଲିସର ସ୍ୱଛତା ଉପରେ ଆଙ୍ଗୁଳି ନିର୍ଦ୍ଦେଶ କରୁଛି । କଲେଜ ଭଳି ଜଣେ ସାଧାରଣ ଲୋକ ଏତେ ଶିଘ୍ର ପୋଲିସର ଆସ୍ଥାଭାଜନ କିପରି ହୋଇପାରିଲା ଏବଂ ଏଯାବତ ତାର କାର୍ଯ୍ୟକଳାପ ପୋଲିସ ରାଡାରକୁ ନଆସିବା ଘଟଣା ସମସ୍ତଙ୍କୁ ଚକିତ କରିଛି । କଲେଜ ଉପରେ ବାରମ୍ବାର ଆଙ୍ଗୁଳି ନିର୍ଦ୍ଦେଶ ହେଉଥିଲେ ମଧ ପୋଲିସ କେଉଁ ସ୍ୱାର୍ଥକୁ ଆଖି ଆଗରେ ରଖି ତାକୁ ଗିରଫ କରୁନଥିବା ବେଳେ ତାଙ୍କ ଭଣଜା ଆମରି ହୁସେନ ପୂର୍ବରୁ ବାଂଶପାଣି ରେଳ ସାଇଡିଂରେ ଆଇରନ ପିଲେଟ ଚୋରି ଘଟଣାରେ ଜେଲ ଯାଇଥିବା ଜଣାପଡିଛି । ଏହି ଘଟଣାରେ କେନ୍ଦୁଝର ଜିଲ୍ଲା ଏସପି ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବି ହେଉଛି ।




# ରକ୍ଷୟଗଡ଼ ଭିନ୍ନକ୍ଷମ ମହାସଂଘର ବାର୍ଷିକ ଉତ୍ସବ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ



ରାୟଗଡ,(ପି.ଏନ); ଆଜି ସ୍ଥାନୀୟ ହାଲୁଆ ତୋଟା ଠାରେ ରକ୍ଷୟଗଡ଼ ଭିନ୍ନକ୍ଷମ ମହାସଂଘର ବାର୍ଷିକ ଉତ୍ସବ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି କ୍ଷ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଗଞ୍ଜାମ ଭିନ୍ନକ୍ଷମ ମହାସଂଘର ସଭାପତି ଶ୍ରୀ ଆନନ୍ଦ ରାଓ ଯୋଗଦାନ କରି ନିଜର ବକ୍ତବ୍ୟରେ ସମବେତ ଭିନ୍ନକ୍ଷମ ମାନଙ୍କୁ ସମ୍ବର୍ଦ୍ଧିତ କରି କହିଲେ ଯେ ଭିନ୍ନକ୍ଷମ ହେଉଛନ୍ତି ସାକ୍ଷାତ ଭଗବାନ ସେମାନଙ୍କ ମୁହଁରେ ହସ ଫୁଟାଇବା ସମସ୍ତଙ୍କ ଦାୟିତ୍ୱ ତାସହ ଭିନ୍ନକ୍ଷମ ମାନଙ୍କ ଅଧିକାର ପାଇଁ ଜିଲ୍ଲାର ସମସ୍ତ ଭିନ୍ନକ୍ଷମ ଭାଇଭଉଣୀ ମାନଙ୍କୁ ଏକତ୍ରିତ ହେବା ନିମନ୍ତେ ଆହ୍ୱାନ କରିଥିଲେ । ଏହି ପରୀପ୍ରେକ୍ଷୀରେ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ପୁଷ୍ପଲତା ଦିକ୍ସିଟ ଯୋଗଦେଇ ତାଙ୍କ ଅଭିଭାଷଣରେ ଉପସ୍ଥିତ ଦିବ୍ୟାଙ୍ଗ ଙ୍କ ଏକତ୍ରିତ ହେବା ନିମନ୍ତେ ଆହ୍ୱାନ କରିବା ସମେତ ସରକାରୀ ଯୋଜନା ର ଲାଭ ଉଠାଇବା ନିମନ୍ତେ ସଚେତନ କରାଇ ଥିଲେ । ଉକ୍ତ କାର୍ଯ୍ୟକ୍ରମ ରେ ଜିଲ୍ଲା ସୂଚ଼ନା ଓ ଲୋକ ସମ୍ପର୍କ ବିଭାଗ ଅଧିକାରୀ ଶ୍ରୀ ବସନ୍ତ ପ୍ରଧାନ ମଧ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନିଜର ଅଭିଭାଷଣ ରଖିବା ସହ ଭିନ୍ନକ୍ଷମ ସଶକ୍ତି କରଣ ଓ ସମାବେଶି ସମାଜ ଗଠନ ଉପରେ ଉପସ୍ଥିତ ଭିନ୍ନକ୍ଷମ ମାନଙ୍କୁ ଆଲୋକପାତ କରାଇ ଥିଲେ । ଏହି କାର୍ଯ୍ୟକର୍ମ ରେ ଅତିଥି ଭାବେ ଅବସର ପ୍ରାପ୍ତ ବିଶେଷଜ୍ଞ ଶିକ୍ଷା ତଥା ବୁଦ୍ଧିଜୀବୀ ଓ ସମାଜସେବୀ ଭାବେ ପରିଚ଼ିତ ଶ୍ରୀଯୁକ୍ତ ଦୁଷ୍ମନ୍ତ କୁମାର ମହାନ୍ତି ଯୋଗଦେଇ ଉପସ୍ଥିତ ଭିନ୍ନକ୍ଷମ ମାନଙ୍କୁ ସେମାନଙ୍କ ଜୀବନର ଉଦ୍ଦେଶ୍ୟ ବିଷୟ ଦିଗଦର୍ଶନ କରିବା ସହ ସେମାନଙ୍କ ପାଖର ଏକ ଭିନ୍ନ ପ୍ରକାର ଶକ୍ତି ଥିବା କଥା କହି ଭିନ୍ନକ୍ଷମ ଭାଇଭଉଣୀ ମାନଙ୍କ ମନବଳ ବଢାଇ ଥିଲେ । ଏହି କାର୍ଯ୍ୟକର୍ମ ରେ ରାୟଗଡ଼ା ଜିଲ୍ଲା କଳା ସଂସ୍କୃତି ସଂଘର ଉପସଭାପତି ଶ୍ରୀ ସୁପ୍ରିତ୍ ସନ୍ତୋଷ ବଛା ଯୋଗ ଦେଇ ଭିନ୍ନକ୍ଷମ ପ୍ରତିଭା ମାନଙ୍କ ମନ ବଳ ବଢାଇବା ସହ ସେମାନଙ୍କୁ ସଙ୍ଗୀତ ପରିବେଷଣ ରେ ଅଗ୍ର ଅଗ୍ରାଧିକାର ଦିଆ ଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏହା ପରେ ସଂଘ ର ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ସଦସ୍ୟ ମାନଙ୍କୁ ସେମାନଙ୍କ କାର୍ଯ୍ୟ ନିମନ୍ତେ ସମ୍ମାନିତ ଉପସ୍ଥିତ ଅତିଥି ଙ୍କ ଦ୍ୱାରା କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ଏଗାର ଟି ବ୍ଲକ୍ , ମୁନିସିପାଲିଟି ଏନ୍ ଏ ସି ରୁ ସମସ୍ତ ଭିନ୍ନକ୍ଷମ ସଦସ୍ୟ ସଦସ୍ୟା ଉପସ୍ଥିତ ରହିଥିଲେ । କାର୍ଯ୍ୟକ୍ରମର ଶେଷରେ ସଂଘର ସଭାପତି ଶିଶିର ରାଉଳ ଓ ସମ୍ପାଦକ ଅମରେନ୍ଦ୍ର ନାଥ ଉପସ୍ଥିତ ଅତିଥି , ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧି ଓ ଉପସ୍ଥିତ ଭିନ୍ନକ୍ଷମ ଭାଇଭଉଣୀ ମାନଙ୍କୁ ଧନ୍ୟବାଦ୍ ଜ୍ଞାପନ କରି ସଭା ସାଙ୍ଗ କରିଥିଲେ ।

# ରାୟଗଡା ସେଞ୍ଚୁରୀୟାନ ପବ୍ଲିକ ସ୍କୁଲ ପ୍ରାଙ୍ଗଣ ରେ ଫୁଡ଼ ଫେଷ୍ଟିଭାଲ




ରାୟଗଡା,(ପି.ଏନ):ରାୟଗଡା ଟାଉନ ସ୍ଥିତ ସେଞ୍ଚୁରୀୟାନ ପବ୍ଲିକ ସ୍କୁଲ ପ୍ରାଙ୍ଗଣ ଫୁଡ଼ ଫେଷ୍ଟିଭାଲ ନିମନ୍ତେ ଉତ୍ସବ ମୁଖରୀତ ହୋଇଥିଲା । ଅତି ସୁନ୍ଦର ଏବଂ ସୁଚ଼ାରୁ ରୂପେ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କର ମିଳିତ ସହଯୋଗ ରେ ଖାଦ୍ୟ ମେଳା ଆୟୋଜିତ ହୋଇଯାଇଛି । ଏହି ଅନନ୍ୟ କାର୍ଯ୍ୟକ୍ରମ ରେ ବିଭିନ୍ନ ପ୍ରକାର ସୁସ୍ୱାଦୁ ବ୍ୟଞ୍ଜନ କୁନି କୁନି ଛାତ୍ରଛାତ୍ରୀ ଙ୍କ ହାତ ରୁ ପରସା ଯାଇଥିଲା । ସନ୍ଧ୍ୟା ବଢିବା ସହ ଲୋକ ଙ୍କ ଭିଡ଼ ବଢ଼ିବାରେ ଲାଗିଥିଲା ଆଖ ପାଖ ଲୋକ ମଧ ଆସି ଏହି ଖାଦ୍ୟ ମେଳା ର ମଜା ଉଠାଇଥିଲେ । ଏହି ମେଳା ର ଉଦ୍ୟମ ଖାଲି ଖାଦ୍ୟ ନୁହେଁ (quality, quantity, hygiene)କୁ ନେଇ ପିଲାଙ୍କୁ ଗଣତି ଏବଂ ଦାୟିତ୍ୱବାନ ହେବା ସହ ଖାଦ୍ୟ ର ମୂଲ୍ୟ ବୁଝାଇବା ଏହି କାର୍ଯ୍ୟକ୍ରମ ର ମୁଖ୍ୟ ଉଦେଶ୍ୟ ଥିଲା ବୋଲି ସେଞ୍ଚୁରୀୟାନ ପ୍ରଶାସନିକ ଦାୟିତ୍ୱ ରେ ଥିବା ସୁସ୍ମିତା ମହାନ୍ତି ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ରାୟଗଡା ସେଞ୍ଚୁରୀୟାନ ୟୁନିଭେର୍ସିଟି ର ନିର୍ଦ୍ଦେଶକ ଡ଼. ରାଜେଶ ପାଢ଼ୀ, ଅଦକ୍ଷ ରାଧା କୃଷ୍ଣ ମହାପାତ୍ର, ଉପ ଅଧକ୍ଷା ସସ୍ମିତା ପ୍ରଧାନୀ ଯୋଗ ଦେଇଥିଲେ ।

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ

# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

Bhubaneswar Tuesday February 18 ଭୁବନେଶ୍ୱର ମଙ୍ଗଳବାର, ଫେବୃଆରୀ ୧୮,୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ୪୬ତମ ବୃହତ୍ତ ବନ୍ଦର ଫୁଟବଲ୍ ଚମ୍ପିୟାନସିପ୍ ଉଦଯାପିତ- ପାରାଦୀପ ବନ୍ଦର ଚମ୍ପିୟାନ




ପାରାଦୀପ,(ପି.ଏନ): ସର୍ବଭାରତୀୟ ବୃହତ୍ତ ବନ୍ଦର କ୍ରୀଡା ନିୟନ୍ତ୍ରଣ ବୋର୍ଡ ଓ ପାରାଦୀପ ବନ୍ଦର ଦ୍ୱାରା ଆୟୋଜିତ ୪୬ତମ ସର୍ବଭାରତୀୟ ବୃହତ୍ତ ବନ୍ଦର ଫୁଟବଲ୍ ଚମ୍ପିୟାନସିପ୍ ରବିବାର ଦିନ ଉଦଯାପିତ ହୋଇଯାଇଛି । ରବିବାର ଦିନ ଅନୁଷ୍ଠିତ ଫାଇନାଲ୍ ମ୍ୟାଚ୍‌ରେ ପାରାଦୀପ ବନ୍ଦର ପେନାଲଟି ସୁଟ୍‌ଆଉଟ୍ ମାଧ୍ୟମରେ ଭିଓ ଚିଦାମ୍ବରନାର ବନ୍ଦରକୁ ୫-୪ ଗୋଲ୍ ବ୍ୟବଧାନରେ ପରାସ୍ତ କରି ଚମ୍ପିୟାନ୍ ଆଖ୍ୟା ଅର୍ଜନ କରିଛି । ଫାଇନାଲ୍ ମ୍ୟାଚ୍‌ର ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ଦଳ ଗୋଲ୍ ଦେଇ ପାରିନଥିଲେ । ଫଳରେ ପେନାଲଟି ସୁଟ୍‌ଆଉଟ୍‌ର ସାହାରା ନିଆଯାଇଥିଲା । ପାରାଦୀପ ବନ୍ଦର ଦଳ ୫-୪ ଗୋଲ୍ ବ୍ୟବଧାନରେ ଭିଓ ଚିଦାମ୍ବରନାର ବନ୍ଦରକୁ ପରାସ୍ତ କରି ଚମ୍ପିୟାନ୍ ଆଖ୍ୟା ଅର୍ଜନ କରିଛି । ଆୟୋଜନ କମିଟିର ମୁଖ୍ୟ ଡି.ଏନ.ସୋନ୍ଧିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍.ହରନାଦ ଯୋଗ ଦେଇ ବିଜୟୀ ଓ ରନର୍ସ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ନିଲଭ୍ର ଦାସଗୁପ୍ତା, ଟ୍ରାଫିକ୍ ପରାମର୍ଶଦାତା ଆଶିଷ ବୋଷ, ସିଏମଇ ସୁଶିଲ ନାହାକ, ସିଆଇଏସଏଫ କମାଣ୍ଡାଣ୍ଟ ଅକ୍ଷତ ପଟେଲ ସମ୍ମାନୀତ ଅତିଥୀ ଭାବେ ଯୋଗ ଦେଇଥିଲେ । ଚଳିତ ବର୍ଷ ବନ୍ଦର ସେବାରୁ ଅବସର ନେବାକୁ ଥିବା ବନ୍ଦରର ଫୁଟବଲ୍ ଖେଳାଳୀମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥଲା । ସମ୍ପାଦକ ରଂଜନରଶ୍ମୀ ବେଉରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଫୁଟବଲ୍ କୋଚ୍ ରବି ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭାରତର ବିଭିନ୍ନ ଜନଜାତିର ଭାଷା ଆଧାରରେ ଜାତୀୟସ୍ତରୀୟ ଅନୂଦିତ କାବ୍ୟପାଠ

କଲିକତା,(ପି.ଏନ): ଭାରତୀୟ ଅନୁବାଦ ସାହିତ୍ୟ ତରଫରୁ ଅନଲାଇନ୍ ମାଧ୍ୟମରେ ୫ ଟି ରାଜ୍ୟର ୧୫ ଜଣ ଯୁବ କବି ତଥା ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ଖ୍ୟାତିପ୍ରାପ୍ତ ଅନୁବାଦକମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା ଜାତୀୟସ୍ତରର ଅନୂଦିତ କାବ୍ୟପାଠ ଓ ଆଲୋଚ଼ନାଚ଼କ୍ର । ନ୍ତ ଶବ୍ଦ ଖୋ ଗୟେ ବସନ୍ତ କେ ଫୁଲୋଁ ମେଁନ୍ତ ଶୀର୍ଷକ ଏହି କାର୍ଯ୍ୟକ୍ରମରେ , ଅରୁଣାଚ଼ଳ ପ୍ରଦେଶ, ଉତ୍ତରାଖଣ୍ଡ, ନାଗାଲାଣ୍ଡ, ଓଡ଼ିଶା,,ଆସାମ, ରୁ ସାହିତ୍ୟିକମାନେ ପ୍ରତିନିଧିତ୍ୱ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ଉତ୍ତରାଖଣ୍ଡର ବିଶିଷ୍ଟ ଲେଖକ, ଅନୁବାଦକ ଗମ୍ଭୀର ସିଂହ ପଲାନୀ ଯୋଗଦେଇ କହିଥିଲେ-ବର୍ତ୍ତମାନ ସାହିତ୍ୟ ରେ ଅନୁବାଦ ଏକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ଏବଂ ଯୁବ ପିଢୀ ର ଯୋଗଦାନ ଏହି ଆବଶ୍ୟକତା କୁ ସଫଳ କରିପାରିବ। ଭାରତୀୟ ଅନୁବାଦ ସାହିତ୍ୟ ତରଫରୁ ଯୁବ ଅନୁବାଦକମାନଙ୍କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଅନୁବାଦ ସାହିତ୍ୟ ଆଧାରିତ ବିଭିନ୍ନ କାର୍ଯ୍ୟକ୍ରମରେ ସେମାନଙ୍କୁ ସାମିଲ୍ କରାଯିବା ଏକ ସଫଳ ପଦକ୍ଷେପ। ସମ୍ମାନିତ ଅତିଥି ଭାବେ ଅରୁଣାଚ଼ଳ ପ୍ରଦେଶରୁ ଡ.ବର୍ଣ୍ଣାଲୀ ଉପମନ୍ୟୁ ଦାସ, ଉତ୍ତରାଖଣ୍ଡରୁ ପ୍ରଫେସର ପ୍ରିତୀ ଆର୍ଯ୍ୟ ଓ ନିକୀ ପୁଷ୍କର , ଓଡ଼ିଶାରୁ ବରିଷ୍ଠ ଅନୁବାଦକ ମଧୁସୂଦନ ଦାସ ଯୋଗଦେଇ ଅନୁବାଦ ସାହିତ୍ୟ ବିଭିନ୍ନ ସଂସ୍କୃତି, ପରମ୍ପରା, ସାହିତ୍ୟ କୁ ଯୋଡିବାର ପ୍ରମୁଖ ସେତୁ ଭାବେ କାର୍ଯ୍ୟକରେ ବୋଲି ମତପ୍ରକାଶ କରିଥିଲେ। ଭାରତୀୟ ଅନୁବାଦ ସାହିତ୍ୟ ତରଫରୁ ୨୦୨୫ କୁ ଯୁବ ଅନୁବାଦକଙ୍କ ବର୍ଷ ଭାବେ ଗ୍ରହଣ କରାଯିବା ସହ ବର୍ତ୍ତମାନ ସୁଦ୍ଧା ୧୮ ଟି ରାଜ୍ୟର ଯୁବ ଅନୁବାଦକ ଙ୍କୁ ନେଇ ଅନଲାଇନ ମାଧ୍ୟମରେ ଅନୂଦିତ କାବ୍ୟପାଠ, ଆଲୋଚ଼ନାଚ଼କ୍ର ଆଦି ଅନୁଷ୍ଠିତ ହୋଇସାରିଛି। ଯୁବ ଅନୁବାଦକଙ୍କ ଦ୍ୱାରା ବିଭିନ୍ନ ଭାଷାର ଅନୁବାଦ ପୁସ୍ତକ ପ୍ରକାଶନ ଦିଗରେ ନିରନ୍ତର ପ୍ରୟାସ କରାଯାଉଛି ବୋଲି ୨୯ ତମ ଅନଲାଇନ୍ ଆଲୋଚ଼ନାଚ଼କ୍ରରେ ଭାରତୀୟ ଅନୁବାଦ ସାହିତ୍ୟର ସଂପାଦକ ଶରତ ଚ଼ନ୍ଦ୍ର ଆଚ଼ାର୍ଯ୍ୟ ପ୍ରକାଶ କରିଥିଲେ। ବନ୍ଦନା ମିଶ୍ର ଏବଂ ସଂଘମିତ୍ରା ଶତପଥୀଙ୍କ ସଂଯୋଜନାରେ ନାଗାଲାଣ୍ଡର ଯୁବ ଅନୁବାଦକ ଚ଼ିଓ୍ୱଂଗଲୁଙ୍ଗ, ରେପନଗ୍ଲା କିଚ଼ୁ,କେଲଭିଲେନିଓ କିଓ , ଉତ୍ତରାଖଣ୍ଡର ଭାରତୀ ଆନନ୍ଦ,ଡ. ଚ଼ଞ୍ଚଳ ଗୋସ୍ୱାମୀ, ଅରୁଣାଚ଼ଳ ପ୍ରଦେଶର ରିଙ୍ଗୁ ଏଲପ୍ରା, ଓ୍ୱାନଗୁ ସୋସିଆ, ଆସାମର ବିଶ୍ୱଜିତ୍ ରାଜବଂଶୀ ପ୍ରମୁଖ ନିଜ ନିଜ ଆଞ୍ଚଳିକ ଲୋକଭାଷାର ଅନୂଦିତ କାବ୍ୟ ପାଠ କରିଥିଲେ। ବିଶେଷ ଭାବେ ଅରୁଣାଚ଼ଳ ପ୍ରଦେଶର ଲୋକ ଭାଷା - ନକତେ,ଇବୁ ମିସମି , ନାଗାଲାଣ୍ଡ ର - ତେନିଦିଏ,ଆଓ,ଲିଙ୍ଗମାଇ, ଉତ୍ତରାଖଣ୍ଡ ର - କୁମାୟୁନୀ,ଗଡବାଲୀ ଭାଷାରେ ଅନୂଦିତ କାବ୍ୟପାଠ ସମସ୍ତଙ୍କୁ ବିମୋହିତ କରିଥିଲା। ଭାରତୀୟ ଅନୁବାଦ ସାହିତ୍ୟ ର ଏହି ଅଭିନବ ପଦକ୍ଷେପ ପାଇଁ ବିଭିନ୍ନ ରାଜ୍ୟର ଆଞ୍ଚଳିକ ଲୋକଭାଷା ଏବଂ ଜନଜାତିର ମାତୃଭାଷା ପ୍ରଥମ ଥର ପାଇଁ ଶୁଣିପାରିଲୁ ବୋଲି କାର୍ଯ୍ୟକ୍ରମ ରେ ଉପସ୍ଥିତ ଥିବା ମହାରାଷ୍ଟ୍ର,କେରଳ, ପଶ୍ଚିମ ବଙ୍ଗ, ଓଡ଼ିଶା, ରାଜସ୍ଥାନ ଆଦିସ୍ଥାନର କବି,ସାହିତ୍ୟିକ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ବରିଷ୍ଠ ଅନୁବାଦକ ସନାତନ ମହାକୁଡ଼ ଧନ୍ୟବାଦ ପ୍ରଦାନ କରିବା ସହ ଆସନ୍ତା ସମୟରେ ତାମିଲ, ତେଲୁଗୁ,ମଲୟାଲମ,କନ୍ନଡ ଭାଷାର ଯୁବ ଅନୁବାଦକମାନଙ୍କୁ ନେଇ ଜାତୀୟସ୍ତରର ସମ୍ମିଳନୀ ଆୟୋଜନ କରାଯିବ ବୋଲି ପ୍ରକାଶ କରିଥିଲେ ।




## ବିଜେପି ନୂତନ ଜିଲ୍ଲା ସଭାପତିଙ୍କୁ ସମ୍ବର୍ଦ୍ଧନା



ତାଳଚେର,(ପି.ଏନ): ଅନୁଗୁଳ ଜିଲ୍ଲା ବିଜେପି ସଭାପତି ଭାବେ ବରିଷ୍ଠ ବିଜେପି ନେତା ଯଯାତି ପଟ୍ଟନାୟକ ଙ୍କର ନାମ ରାଜ୍ୟ ନିର୍ବାଚନ ଅଧିକାରୀ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଘୋଷଣା କରିଛନ୍ତି ।ଯଯାତି ପଟ୍ଟନାୟକ ଙ୍କର ନାମ ଘୋଷଣା ହେବା ପରେ ବିଜେପି ପକ୍ଷରୁ ତଥା ବିଭିନ୍ନ ମହଲ ରୁ ଶୁଭେଚ୍ଛା ଓ ସମ୍ବର୍ଦ୍ଧନା ର ସୁଅ ଛୁଟିଛି ।ତାଙ୍କର ତାଳଚେର ସ୍ଥିତ ବାସଭବନ କୁ ଅନୁଗୁଳ ଜିଲ୍ଲାର ବିଭିନ୍ନ ସ୍ଥାନରୁ କାର୍ଯ୍ୟକର୍ତା ମାନେ ଆସି ଶୁଭେଚ୍ଛା ଜଣାଉଛନ୍ତି ।ସୋମବାର ଦିନ ତମାମ ତାଙ୍କର ବାସଭବନ ରେ ଗହଳି ଲାଗି ରହିଥିଲା ।ବିଜେପି ଜୋନାଲ ମିଡ଼ିଆ ସେଲ ସଂଯୋଜକ ପର୍ଶୁରାମ ବାରିକ, ରେଳ ମଣ୍ଡଳ ସଭାପତି ବରୁଣ ସାହୁ, ତାଳଚେର ପୌର ମଣ୍ଡଳ ର ସାଧାରଣ ସମ୍ପାଦକ ନିରୋଜ ଦାସ ଓ ଜ୍ଞାନେନ୍ଦ୍ରୀୟ ସେଠି, ରାଜେଶ ଦଳେଇ, ଜଗଦୀଶ ସିଂହ, ପୂର୍ଣଚନ୍ଦ୍ର ବେହେରା, ସୁକାନ୍ତ ରାୟ, ଜିତେନ୍ଦ୍ର ଦାସ, ଅରବିନ୍ଦ ମିଶ୍ର, ,ଜଗଦୀଶ ମିଶ୍ର, ସୁନୀଲ ପଟ୍ଟନାୟକ, ଅକ୍ଷୟ ବିଶ୍ୱାଳ,ବିଜୟ ନାଏକ ଙ୍କ ସମେତ ଶତାଧିକ କାର୍ଯ୍ୟକର୍ତା ଭେଟି ସମ୍ବର୍ଦ୍ଧନା ଜଣାଇଛନ୍ତି ।ବିଭିନ୍ନ ସଂଗଠନ ର କର୍ମକର୍ତା ମାନେ ମଧ୍ୟ ଭେଟି ସମ୍ବର୍ଦ୍ଧନା ଜଣାଇଛନ୍ତି ।

## ୪ କୃତୀ ଛାତ୍ରଛାତ୍ରି ପାଇଲେ ବାସନ୍ତୀ-ହେମନ୍ତ ସ୍ମାରକୀ ବୃତ୍ତି




ଜଗତସିଂହପୁର,(ପି ଏନ): ଜଗତସିଂହପୁର ଜିଲ୍ଲାର ସୁପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଏସଭିଏମ ଜୁନିୟର କଲେଜର +୨ କଳା, ବିଜ୍ଞାନ ଓ ବାଣିଜ୍ୟରେ ୨୦୨୪ ଟପ୍ପର ୪ ଜଣ ଛାତ୍ରଛାତ୍ରୀଙ୍କୁ ମିଳିଲା ବାସନ୍ତୀ-ହେମନ୍ତ ସ୍ମାରକୀ ବୃତ୍ତି । କଲେଜର ୬୨ତମ ପ୍ରତିଷ୍ଠା ଦିବସ ଅବସରରେ ଅତିଥିମାନେ ଚେକ ଆକାରରେ ଏହି ବୃତ୍ତି ଅର୍ଥ ସହିତ ଟ୍ରଫି ଏବଂ ପ୍ରମାଣ ପତ୍ର ଟପ୍ପର ମାନଙ୍କୁ ପ୍ରଦାନ କରିଥିଲେ । ଏହି ବୃତ୍ତି ପାଇଥିବା ଛାତ୍ରଛାତ୍ରୀ ମାନେ ହେଲେ +୨ କଳାର ଟପ୍ପର ଦେବସ୍ମିତା ମଲ୍ଲିକ, +୨ ବିଜ୍ଞାନର ଯୁଗ୍ମ ଟପ୍ପର ଆକାଶ ମିଶ୍ର ଓ ତୁଳସୀ ମଞ୍ଜରୀ ନାୟକ ଏବଂ +୨ ବାଣିଜ୍ୟର ଟପ୍ପର ପ୍ରଦୋଷ କୁମାର ବିଶ୍ୱାଳ । ଏଠାରେ ସୂଚ଼ନାଯୋଗ୍ୟ ଯେ ଜଗତସିଂହପୁର ସଦର ମହକୁମାରେ କାର୍ଯ୍ୟରତ ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା ତାଙ୍କ ପିତାମାତାଙ୍କ ସ୍ମୃତିରେ ଗତ ୨୦୨୩ ମସିହାରେ ଏସଭିଏମ କଲେଜକୁ ୧ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ । ଏହି ଅର୍ଥ ରାଶିର ସୁଧ ଟଙ୍କାରେ ଗତବର୍ଷ ଠାରୁ ଏହି ବୃତ୍ତି ପ୍ରଦାନ କରାଯାଇ ଆସୁଛି ।

## ଅନୁଗୁଳ ଜିଲ୍ଲାକୁ ଏକ ନମ୍ବର କରିବା ପାଇଁ ପ୍ରୟାସ କରାଯିବ

### ଯଯାତି ପଟ୍ଟନାୟକ ବିଜେପି ଅନୁଗୁଳ ଜିଲ୍ଲା ନୂତନ ସଭାପତି

ଅନୁଗୁଳ,(ପି.ଏନ): ଅନୁଗୁଳ ଜିଲ୍ଲା ର ବିଜେପି ର ନୂତନ ଜିଲ୍ଲା ସଭାପତି ଭାବେ ଯଯାତି ପଟ୍ଟନାୟକ ଙ୍କର ନାମ ଘୋଷଣା କରାଯାଇଛି ।ଏହାପରେ ସମଗ୍ର ଅନୁଗୁଳ ଜିଲ୍ଲାରୁ ଶ୍ରୀଯୁକ୍ତ ପଟ୍ଟନାୟକ ଙ୍କ ନିକଟକୁ ଶୁଭେଚ୍ଛା ଓ ସମ୍ବର୍ଦ୍ଧନା ର ସୁଅ ଛୁଟିଛି ।କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ସମସ୍ତ ଜିଲ୍ଲା ସଭାପତି ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।ସାଂସଦ ରୁଦ୍ର ନାରାୟଣ ପାଣି, ପ୍ରାକ୍ତନ ଜିଲ୍ଲା ସଭାପତି ଦିଲେଶ୍ୱର ପ୍ରଧାନ, ପାଲଲହଡା ବିଧାୟକ ଅଶୋକ ମହାନ୍ତି, ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା,ଏନଏସ ଆଇ ସି ଡାଇରେକ୍ଟର କାଳନ୍ଦି ସାମଲ, ପ୍ରାକ୍ତନ ମନ୍ତ୍ରୀ ସଂଜୀବ ସାହୁ, ପ୍ରାକ୍ତନ ବିଧାୟକ ରମେଶ ସାଏ, ଜୋନାଲ ମିଡ଼ିଆ ସେଲ ସଂଯୋଜକ ପର୍ଶୁରାମ ବାରିକ ପ୍ରମୁଖ ନୂତନ ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକ ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।. ଅନୁଗୁଳ ଜିଲ୍ଲା କୁ ରାଜ୍ୟରେ ଏକ ନମ୍ବର କରିବା ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁଗୁଳ ଜିଲ୍ଲା ପାଇଁ ଆଣୁଥିବା ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କାର ବିକାଶ ମୂଳକ କାର୍ଯ୍ୟକୁ ସଠିକ ଭାବେ ବିଧାନସଭା କ୍ଷେତ୍ର ଅନୁଯାୟୀ ତ୍ୱରାନ୍ୱିତ କରିବା ସହ ସଂଗଠନ କୁ ମଜବୁତ କରିବା ଉପରେ ଗୁରୁତ୍ୱ ଦେବେ ବୋଲି ପ୍ରକାଶ କରିଛନ୍ତି ।ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରାଜ୍ୟ ସଭାପତି ମନମୋହନ ସାମଲ ଙ୍କ ସମେତ ଜିଲ୍ଲା ର ସମସ୍ତ ନେତୃବୃନ୍ଦ ଓ ଜିଲ୍ଲା ପ୍ରଭାରୀ ସିମାଞ୍ଚଳ ଖଟେଇ ଙ୍କୁ କୃତଜ୍ଞତା ଜଣାଇଛନ୍ତି ।ପାର୍ଟି ଯେଉଁ ଦାୟିତ୍ୱ ଦେଇଛି ତାକୁ ସଠିକ ଭାବେ ସମ୍ପାଦନ କରିବା ପାଇଁ ଉଦ୍ୟମ ଜାରି ରଖିବି ବୋଲି ପ୍ରକାଶ କରିଛନ୍ତି ।. ପ୍ରକାଶ ଥାଉକି ଶ୍ରୀଯୁକ୍ତ ପଟ୍ଟନାୟକ ଛାତ୍ର ଜୀବନ ରୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ରୁ ନିଜର ରାଜନୈତିକ ଜୀବନ ଆରମ୍ଭ କରିଥିଲେ ।୧୯୮୫ ମସିହା ରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଳଚେର ମହାବିଦ୍ୟାଳୟ ର ଛାତ୍ର ସଂସଦ ର ସଭାପତି ଥିବା ବେଳେ ସେ ଛାତ୍ର ସଂସଦ ର ସାଧାରଣ ସମ୍ପାଦକ ଥିଲେ ।ପରବର୍ତୀ ସମୟରେ ଛାତ୍ର ସଂସଦ ର ସଭାପତି ଏବଂ ଏବିଭିପି ର ରାଜ୍ୟ ଉପ ସଭାପତି, ରାଜ୍ୟ ସହ ସମ୍ପାଦକ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀ ରେ ରହି କାର୍ଯ୍ୟକରି ଆସିଛନ୍ତି ।ବିଜେପି ର ଜିଲ୍ଲା ଯୁବମୋର୍ଚା ସାଧାରଣ ସମ୍ପାଦକ, ଜିଲ୍ଲା ଉପ ସଭାପତି, ଜିଲ୍ଲା ଯୁବମୋର୍ଚା ପ୍ରଭାରୀ ଭଳି ଦାୟିତ୍ୱ ରେ ରହି କାର୍ଯ୍ୟ ନିର୍ବାହ କରିଛନ୍ତି ।ଡାକ୍ତର ଦେବେନ୍ଦ୍ର ପ୍ରଧାନ ଅଟଳବିହାରୀ ବାଜପେୟୀ ଙ୍କ ମନ୍ତ୍ରୀ ମଣ୍ଡଳ ରେ ମନ୍ତ୍ରୀ ଥିବା ବେଳେ ତାଙ୍କର ସଚିବ ଭାବେ କାର୍ଯ୍ୟ କରିଥିଲେ ।ଅନୁଗୁଳ ବିଧାନସଭା ର ପ୍ରଭାରୀ ଭାବେ ଦୀର୍ଘ ଦିନ ଧରି କାର୍ଯ୍ୟକରି ଆସୁଥିଲେ ।ବିଭିନ୍ନ ସାମାଜିକ ସଂଗଠନ ସହ ମଧ୍ୟ ଜଡିତ ରହି କାର୍ଯ୍ୟ କରି ଆସୁଥିଲେ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray